ମହାପାତ୍ର ଭାସ୍କରଙ୍କର ଗଳ୍ପଏକ

ଶେଷ ଦଂଶର ଯୀଶୁ

Digitized by srujanika@gmail.com

ଶେଷ ବିଂଶର ଯୀଶୁ

ମହାପାତ୍ର ଭାସ୍କର ଗନ୍ତାଏତ୍

ପ୍ରକାଶକ:

ଧାରାବ୍ରଧର୍ଷ

ବାରିକସ୍ : ବ୍ରହ୍ମପୁର : ଗଂଜାମ

Digitized by srujanika@gmail.com

ଶେଷବଂଶର ଯୀଶୁ
(ଅକାହାଣୀ)

ମହାପାତ୍ର ଭାସ୍କର ଗନ୍ତାଏତ୍

SESHA BINSARA JEESU
(Anti Novella)
by :
Mahapatro Bhaskar Gantayet.

ଆଦ୍ୟ ପ୍ରକାଶ :
ଆର୍ଯ୍ୟାବର୍ତ୍ତ
ଯାନୁୟାରୀ ପହିଲ୍' ୭୬

ପୁନଃ ପ୍ରକାଶ :
୨୬ ଜାନୁୟାରୀ :' ୭୫

ପ୍ରକାଶକ :
ଦାସ ବ୍ରଦର୍ସ
ବାରକ୍‌ସ୍ : ବ୍ରହ୍ମପୁର : ଗଞ୍ଜାମ

ସର୍ବସ୍ୱତ୍ୱ ସଂରକ୍ଷିତ :
ଶିବାନୀ ଗନ୍ତାଏତ
ମାର୍ଫତ୍ : ପଞ୍ଚାନନ ଗନ୍ତାଏତ୍
ସୋରଡା : ଗଂଜାମ

ମୂଲ୍ୟ :
ସାଦା : ତିନିଟଙ୍କା
ବୋର୍ଡ ବନ୍ଧେଇ : ପାଞ୍ଚଟଙ୍କା

କୃତଜ୍ଞତା ଜ୍ଞାପନ :
ରମେଶଚନ୍ଦ୍ର ପାତ୍ର ॥ ଯାଦବାନଂଦ ଦାସ୍

Digitized by srujanika@gmail.com

ଏଇ ଅକାହ୍ୱାଣୀ/କାହ୍ୱାଣୀର ପ୍ରଥମ ପାଠିକା :

ଅମୀୟବାଲା ପଟ୍ଟନାୟକ ଏମ୍. ଏ.

(ପ୍ରିନ୍ସିପାଲ୍ : ରେଡ୍‌କ୍ରସ୍ ସ୍କୁଲ ଫର୍ ବ୍ଲାଇଂଡ୍‌ସ : ବ୍ରହ୍ମପୁର)

ସହୃଦୟାସ୍ତୁ...

Digitized by srujanika@gmail.com

ଏହି ଲେଖକଙ୍କ :

(ଉପନ୍ୟାସ)

ମୃତ୍ୟୁ ଦୁଇଟି ଡେଣା

ରାଧିକାର ବଂଶୀ

(ଗଳ୍ପ-ସଙ୍ଗ୍ରହ)

ଚନ୍ଦ୍ରହୀନର ଚନ୍ଦ୍ରଲିପି

(କବିତା)

ଭାସ୍କର ରୁବାୟତ୍ : ପ୍ରିୟତମାଷୁ

Digitized by srujanika@gmail.com

କେତେ ବାଟ ?

ଷାଠିଏ ମାଇଲ୍ ?

ବାସ୍ ଏତିକି ? ଜ୍ୟୋତିଷର ଗଣନା କ'ଣ ଠିକ୍ ଏତିକି !!

ଏକ ନିର୍ଦ୍ଦିଷ୍ଟ, ଏକମୁହାଁ ଲମ୍ବା ରାସ୍ତା ଉପରେ କ୍ଷିପ୍ର ପଦପାତରେ ଚାଲୁଥିବା ପଦାତିକଟି ଅବଶ୍ୟ ଯେଉଁଦିନ ତା' ଜନନୀର ଜଠରକୁ ଫାଡ଼ି ଏ ପୃଥିବୀରେ ସୂର୍ଯ୍ୟସ୍ନାନ କଲା .(କୁଆଁ କୁଆଁ) କୋଽହମ୍-କୋଽହମ୍ ଧ୍ୱନିମାନଙ୍କୁ ନିଜ ଓଠରୁ ନିର୍ଗତ କରି ନିଜ କାନ ଦୁଇଟିକୁ ହେଉ ବା ତା ଜନ୍‌ମରେ ଆତ୍ମ-ବିଭୋର ହୋଇ ହସୁଥିବା ଜନ୍‌ମଦାତ୍ରୀକୁ ଶୁଣାଇ-ଥିଲା ସେତେବେଳେ ସେ ପ୍ରଶ୍ନ କରିଥିବ : ମୁଁ କିଏ ? କେଉଁଠୁ ଆସିଲି, କୁଆଡ଼େ ? କାହିଁକି ?

ପୁନଃ ଶିଶୁଟିର ଓଠରେ କରୁଣ ପ୍ରଶ୍ନୋତ୍ତରର ସ୍ୱର ଗୁଂଜଦେଇ ଅସ୍ପଷ୍ଟ ଭାଷାରେ ଶୂନ୍ୟରୁ କିଏ ଜଣେ ତାକୁ ନିଶ୍ଚୟ ଶୁଣାଇ ଦେଇଥିବ : କେତେ ବା ବାଟ ଜୀବନର··· ତେବେ ଶୁଣ ଷାଠିଏ ମାଇଲ ହିଁ··· ଏକ୍‌ରୁ ଗଣି ଗଣି ଗଲେ ଷାଠିଏ ରେ··· ଆପାତତଃ ଷାଠିଏଟି ବର୍ଷହିଁ ମଣିଷର ଜୀଅଁତା ବେଳ··· ହେ ମାନବ ଶିଶୁ ! ଏଇ ସଚନବର୍ଣ୍ଣା ଧରଣୀ ରେ ପାଦ-ଦେବା ଠାରୁ ତୁମେ ଏତିକି ତଥ୍ୟ ସଂଗ୍ରହ କରିପାରିନ !!

ଷାଠିଏ ମାଇଲ୍ ପୂର୍ବରୁ ରାସ୍ତା କେତେବେଳେ ଯେ ହଠାତ୍ ଶେଷ ହୋଇନଯାଏ ସେ କଥା କିଏ ଜାଣେ ?

Digitized by srujanika@gmail.com

ତା'ପରେ ?

ତାପରେ, ଶିଶୁଟି ମାଟିରେ ନରମ ମାଂସର ନିଜ ଶରୀରଟିକୁ ଲୋଟାଇ ଦେଇ; ଅଚେତନ ମନ ନେଇ ତାର ସେଇ ନୂତନ କୁନି, ପୃଥିବୀକୁ ନିରୀକ୍ଷଣ କରିଥିବ ଓ ବେଳେବେଳେ ତା ପାଦ ଦୁଇଟିକୁ ମାଟିରେ କଚାଡ଼ି କାନ୍ଦିବା, ହସିବା ନାଟକ ସୃଷ୍ଟି କରିଥିବ ।

ତା'ପରେ ?

ତା ପରେ କ୍ରମଶଃ ଶିଶୁଟି ଆସ୍ତେ ଆସ୍ତେ ଚାଲିବା ଆରମ୍ଭ କରି ଦେଇଥିବ । ଚାଲିବାକୁ, ପୃଥିବୀର ଅନେକ ଦୃଶ୍ୟ ଦେଖିବାକୁ, ଅନେକ ସାନବଡ଼ ମଣିଷ ସାଥୀଏ ସେଇ ଶିଶୁଟିର ହାତଧରି ଜୀବନର ଲମ୍ବା ରାସ୍ତାରେ ଛାଡ଼ି ଦେଇଥିବେ ଓ କୁକୁର ମାଂକଡ଼ ଗାଡ଼ି ମୋଟର ବା ବାଘ ଭାଲୁମାନଙ୍କ ନିକଟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିବେ ।

ତା'ପରେ ?

କ୍ରମଶଃ, କ୍ରମଶଃ ଶିଶୁଟି ବାଲ୍ୟରୁ କୈଶୋରରେ ପଦାର୍ପଣ କରିଥିବ ଓ ବାରଟି ମାଇଲ୍ ରାସ୍ତା ଅତିକ୍ରମ କଲାପରେ ଅନୁଭବ କରିଥିବ : ସିଏ ବର୍ତ୍ତମାନ ଏକ ଲମ୍ବା ରାସ୍ତାରେ ଚାଲିଛି...... ରାସ୍ତା କଡ଼ରେ ଅନେକ ଚିହ୍ନା ଅଚିହ୍ନା ମୁହଁ, ଚିତ୍ର ବିଚିତ୍ର ଦୃଶ୍ୟ, ବିବିଧ ସ୍ୱର, ଧ୍ୱନି ଦେଖିବାକୁ ଶୁଣିବାକୁ ପାଉଛି ।

ଏବଂ ତା'ପରେ କିଶୋରଟି ଦୌଡ଼ିବା ଆରମ୍ଭ କରିଥିବ ଆନନ୍ଦରେ, ଦୁଃଖରେ ଓ କ୍ଷୋଭରେ ।

ତା'ପରେ ?

କଟି ଯାଇଥିବ ଗୋଟାଏ ପରେ ଗୋଟାଏ ମାଇଲ୍ ।

ଦୌଡ଼ୁଥିବା କିଶୋରଟି ହଠାତ୍ ଯେତେବେଳେ କୋଡ଼ିଏ ମାଇଲ୍ ରାସ୍ତା ଅତିକ୍ରମ କରିଥିବ ସେତେବେଳେ ସେ ଅନୁଭବ କରିଥିବ : ସେ ଆଉ କିଶୋର ନୁହେଁ : ତରୁଣ ! ତରୁଣ !! ଏକ ବୀର୍ଯ୍ୟବନ୍ତ ତରୁଣ ଆର୍ଯ୍ୟ......

ସେଇ ବୀର୍ଯ୍ୟବାନ୍ ଆର୍ଯ୍ୟସୁତ କିଏ ଜାଣନ୍ତି ?

ମୁଁ... ମୁଁ !!

Digitized by srujanika@gmail.com

ମୁଁ ଆଶ୍ଚର୍ଯ୍ୟ ସୂର୍ଯ୍ୟକାଂତ !!

ସେଇ ଲଂବା ରାସ୍ତାରେ ଚାଲୁଥିବା ମୋର ଦୁଇଟି ପାଦ ହଠାତ୍ ଅଟକି ଯିବାକୁ ବାଧ ହେଲେ ।

କେମିତି ବା ସେମାନେ ଆଗକୁ ଆଗକୁ ମାଡ଼ି ଚାଲଂତେ !

ସାମ୍ନା ଚୌହଦୀର ବିଭିନ୍ନ ରାସ୍ତାରେ ଠିଆ ହୋଇ ଗୁଡ଼ାଏ ଭଗା-ବଂଡ଼ୁସ ପରସ୍ପରକୁ ଗାଳି ଗୁଲଜ ଏପରିକି ଚପଲ ଫୋପଡ଼ା-ଫୋପଡ଼ି ଠୁଁ ହାତାହାତି କାମ ଚଳେଇଥିଲେ ।

ସେମାନେ ପୁଂଗ୍ରୀ, ହାଂଗ୍ରୀ ମ୍ୟାନ୍ ସତେ ଯେମିତି । ଭିନ୍ନ ଆଦର୍ଶ, ଭିନ୍ନ ମତବାଦ, ବିଭିନ୍ନ ଦଳର : ଗୋଷ୍ଠୀର ।

ପ୍ରତ୍ୟେକେ ନିଜ ଗୋଷ୍ଠୀର ଆଦର୍ଶ/ମତବାଦକୁ ଆଉମାନଂକ ଉପରେ ଜବରଦସ୍ତ ଲଦି ଦେଇ ମନେମନେ ସମ୍ରାଟ୍ ହେବାକୁ ସ୍ୱପ୍ନ ଦେଖୁଛଂତି : ଯଦି ବିଫଳ ହେଉଛଂତି ତେବେ ପିଟାପିଟି ହେଉଛଂତି । ସତେ ଯେମିତି ଏମାନେ ବାଲ୍ମିକୀ, ମାର୍କ୍ସ, ଗାଂଧୀ, ଫ୍ରଏଡ଼ ପୁଣି ବୁଦ୍ଧ ଓ ଅରବିଂଦଂକ ଗୋଟିଏ ଗୋଟିଏ ଏକାଂତ ବିଶ୍ୱସ୍ତ ଉତ୍ତରାଧିକାରୀ ।

କେତେବେଳୁ କେଜାଣେ ସେମାନଂକ ମଧ୍ୟରେ ଖଂଡ ଯୁଦ୍ଧ ଚାଲିଥିଲା, ଆହତ ରକ୍ତାକ୍ତ ହେବା ସତ୍ତ୍ୱେ ବି ବିଜୟର ଆଶା ରଖି ସେମାନେ ନିଜ ଧଂଦା ନିଜେ ଚଳେଇ ଥିଲେ ।

ଏ ନାରକୀୟ ଦୃଶ୍ୟ ମୋ ପକ୍ଷେ ଅସଂଭାଳ ହୋଇପଡ଼ିଲା । କିନ୍ତୁ, ମାରାତ୍ମକ ହେଲେ ବି ସେମାନେ ଯେ ମୋର ନିଜଲୋକ । ସେମାନଂକ ଭିତରେ ଅଛଂତି ମୋର ଅନେକ ସାଥୀ, ମିତ୍ର ପୁଣି ଭ୍ରାତା ସହୋଦର ।

ସେମାନେ ମୋର : ମୋ ମଣିଷ ଜାତିର ।

Digitized by srujanika@gmail.com

ଆଠ ॥ ଶେଷବଂଶର ଯୀଶୁ

ମୋର ସମଗ୍ର ଧୈର୍ଯ୍ୟ, ସାହସ ଓ ଶକ୍ତିକୁ ଏକତ୍ରିତ କରି ଚୌହଦୀ ଭିତରକୁ ପଶିଗଲି ଓ ଉଚ୍ଚ କଣ୍ଠରେ ଚିତ୍କାର କଲି : ରେ, ରେ, ଅଧମମାନେ ! ତୁମେ ପରସ୍ପର ଭିତରେ ଏମିତି ଗାଳିଗୁଲଜ, ଜୁତା ପେଲାପେଲି ଚଳେଇଛ କାହିଁକି ? ଏତେ ସବୁ ନିରର୍ଥକ ତାଣ୍ଡବ ନୃତ୍ୟରୁ ତୁମମାନଙ୍କୁ କ'ଣ ମିଳିବ ?

ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ମୁଁ ଏତିକି ମାତ୍ର ଉଚ୍ଚ ସ୍ୱରରେ ଚିତ୍କାର କରିବା କ୍ଷଣି ସେମାନେ ହଠାତ୍ କ୍ରମଶଃ ଚୁପ୍‌ଚାପ ହୋଇ ଠିଆ ହେଲେ । ସତେ ଯେମିତି ସେମାନେ ଗୋଟିଏ ଗୋଟିଏ ସ୍ଥିତପ୍ରଜ୍ଞ ମୁନି, ସଚେତନ ଭାବୁକରେ ପରିଣତ ହେଲେ ।

ସମସ୍ତେ ନୀରବ । ଚୁପ୍‌ଚାପ । ଗୋଟିଏ ଗୋଟିଏ ସୁନାପିଲା ।

ମୁଁ ଖୁବ୍ ଜୋର୍‌ରେ ହସିଲି, କିନ୍ତୁ ହସରେ ମୋର ଅଶୁମାତ୍ର ଆନ୍ତରିକତା ନଥିଲା । ଥିଲା କେବଳ ଅନେକ ଆଶଙ୍କା ଓ ଅନାଗତ ଆକ୍ରମଣକୁ ମୁକାବିଲା କରିବାର କଷ୍ଟିଷ୍ଟା ଛଳନାର ଲହରୀ ।

ହଜାର ହଜାର ଆଖିଙ୍କ ଶାଣିତ/ଶୋଣିତ ଗୃହାଣୀ ଗୋଟିଏ ଗୋଟିଏ ନାଗ ପାଲଟି ମୋ ଶରୀରକୁ ଦଂଶନ କରୁଥିଲେ ।

ଏବଂ ମୋର ଦୁଇଟି ଜାଗ୍ରତ ଚକ୍ଷୁ ସହସ୍ରାଧିକ ଆଖିଙ୍କୁ ପହରା ଦେବାକୁ ଅସମର୍ଥ ହେଲେ ବି ଅଭିନୟ କରିବାକୁ ମୁଁ ବାଧ୍ୟ ହେଉଥିଲି-ସତେ ଯେମିତି ମୁଁ ଭୀରୁ ନୁହେଁ : ନା କାପୁରୁଷ ।

ଭିନ୍ନ ମତ, ଭିନ୍ନ ଆଦର୍ଶ ଓ ବାଦର ପ୍ରତିଟି ମଣିଷ ସମସ୍ତ ବାଦ ବିବାଦ ଭୁଲି ଏକ ଗୋଷ୍ଠୀରେ ପରିଣତ ହେଲେ ଓ ସମସ୍ୱରରେ ଚିତ୍କାର କଲେ : ହେଇ ! ମିଳିଗଲାରେ ଶଳାଟା... ଅନେକ ନବନାଟକର ଗୋବର୍ଦ୍ଧନ ଇଏ ! ଆସରେ ହେ ସଂଗ୍ରାମୀ ସାଥୀମାନେ... ଅନ୍ତତଃ ପକ୍ଷେ ବର୍ତ୍ତମାନ ଆମେ ସମସ୍ତେ ସମସ୍ତ ବିଦ୍ୱେଷ ଓ ମତବାଦକୁ ଭୁଲିଯାଇ ଏହାକୁ ପାନେଲେଖାଁଏ ଅବ୍ୟର୍ଥ ଔଷଧ ଦେବା ।

ଖୁବ୍ ଜୋର୍‌ରେ ମୁଁ ହସିଲି ଓ ପ୍ରଶ୍ନ କଲି : କାହିଁକି ? ମୁଁ ତୁମମାନଙ୍କର କି ଅପରାଧ କରିଛି ?

ସେମାନେ ସମସ୍ୱରରେ କହିଲେ : ତୁମେ ଏକ ଅସାମାଜିକ, ଲମ୍ପଟ : ଚରିତ୍ରହୀନ ! ଆମେ ତୁମକୁ ହତ୍ୟାକରିବୁ, ଏ ପୃଥିବୀରୁ ଅନ୍ୟ ପୃଥିବୀକୁ ବିଦାୟ ଦେବୁ !

Digitized by srujanika@gmail.com

ପୁଣି ମୁଁ ହସିଲି ଏବଂ ବ୍ୟଂଗ କରି କହିଲି : ହାୟରେ, ମୋ ପ୍ରତି ତୁମମାନଂକର ଏତେ ଦୟା ଓ ସମ୍ମାନ କାହିଁକି ? ମୁଁ ଗାଂଧୀ, ଯୀଶୁ, ମାର୍ଟିନ୍ ଲୁଥର, ପିଗ୍ରଏଭରି—ଲୁମୁଂବା କିଂବା ସକ୍ରେଟିସ୍ ନୁହେଁ : ମୁଁ ଏକ ସାଧାରଣ ପେନ୍ ଡ୍ରାଇଭର ମାତ୍ର... ମୋତେ ଅଯଥା ହତ୍ୟା କରି ଇତିହାସର ଏକ ନାୟକ କରିବ କାହିଁକି ?

ସମସ୍ୱରରେ ସେମାନେ ଗର୍ଜନ କଲେ: ଶାଃ-ବାଷ୍ଟାର୍ଡ଼ ! ସତେ ଯେପରି ଭଦ୍ର ଲୋକଟିଏ !! ନିଜକୁ ମୁକ୍ତ କରିବାକୁ କେତେ ଫାର୍ସ ଚଳେଇଛି ଦେଖ... ମାର୍ ଶଳାକୁ... !! ନିଜକୁ ଯଥା ସଂଭବ ସଂଯତ କରି ମୁଁ ପଚାରିଲି : ଘଟଣା କ'ଣ ? ଏଇ କିଛି ମିନିଟ୍ ପୂର୍ବେ ତୁମେ ସମସ୍ତେ ପରସ୍ପର ମଧ୍ୟରେ ଦଂଗା–ହଂଗାମା ଚଳେଇ-ଥିଲ... ଆଉ ବର୍ତ୍ତିମାନ ଏକା ମା ପେଟର ଭାଇ ପରି ଏକତ୍ରିତ ହୋଇ ମୋତେ ଆକ୍ରମଣ କରୁଛ କାହିଁକି ??

ସେମାନେ ପଚାରିଲେ : ରେ କୁଳାଂଗାର, ତୁ କି ବାଲ ଲେଖା ଲେଖୁଛୁ ଯେ ଆମମାନଂକ ଏମିତି ଚରିତ୍ରସଂହାର କରୁଛୁ କାହିଁକି ? କାହିଁକି ଲେଖୁ ? କାହାପାଇଁ ଲେଖୁ ? ତୋ ଲେଖା ଆମ ସମାଜର କି ହିତରେ ଆସେ !

ବ୍ୟଂଗୋକ୍ତି ଭରା କଂଠରେ କହିଲି : ଯାହାଂକ ନାଇଁ ଅନ୍ୟ ଗତି ସେମାନେ କଲମ ଚଳାଂନ୍ତି... (ଲେଖକ ଦୁଃଅନ୍ତ)

ସେମାନେ ହକ୍କା କଲେ : ବାଃ ବାଃ ଶଳା କବିଟିଏରେ... ଆଶୁ କବିଟିଏ !!

ସେମାନଂକ ସମସ୍ତ ଅକ୍ଷେପକୁ ଭ୍ରୂକ୍ଷେପ ନକରି ଯଥାସଂଭବ ଗଂଭୀର ହେଲି ଓ କିଛିଟା ହସମିଶା ସ୍ୱରରେ କହିଲି : କ୍ରିୟା ନଥିଲେ ପ୍ରତିକ୍ରିୟା ନାଇଁ : ତେବେ ମୁଁ ଜାଣିପାରେ କି ମୋତେ କେନ୍ଦ୍ର କରି ତୁମମାନଂକ ଏତେ ପ୍ରତିକ୍ରିୟା କାହିଁକି ଓ କ୍ରିୟାଟା କ'ଣ ହୋଇପାରେ ?

ସେମାନଂକ ଭିତରୁ ଚର୍ବିବହୁଳ ଏକ ମାଇଚିଆ ଟୋକା ବଜ୍ର କଂଠରେ କହିଲା : ଶଃ କିଛି ଜାଣିଥିବ କି ! ଖତମ୍ କର ଏଟାକୁ, ଇଏ ଆମ ସମାଜର ଏକ ଦୁଷ୍ଟବ୍ରଣ !!

ଘୃଣା, ହୋ. ହକ୍କା, ବ୍ୟଂଗ ବିଦ୍ରୂପ ସ୍ୱରମାନଂକ ଠେଲା ପେଲା-ଫେଂଟା ଫେଂଟି ଭିତରେ ସଂଘର୍ଷଣା ଅଥଚ କେମିତି ମିଠା,ମିଠା ମୂର୍ଚ୍ଛନା ସୃଷ୍ଟି ହେଉଥିବା ମୁଁ ଅନୁଭବ କରୁଥିଲି ।

Digitized by srujanika@gmail.com

ଗଭୀର ଦୁଃଖରେ ଯଦି ମୁଁ ଚୋରିଲି : ଘଟଣା କ'ଣ ମୋତେ ମୁଁ ବୁଝିପାରୁନି, ଯଦି ମୋର କେଉଁଠି କିଛି ଭୁଲ୍ ହୋଇଥାଏ ତେବେ ମୋ' ନିକଟରୁ କୈଫିୟତ୍ ତଲବ୍ କରଯାଉ । ଯଦି ଦୋଷୀ ବୋଲି ମୁଁ, ସାବ୍ୟସ୍ତ ହୁଏ ତେବେ ମୋ ପ୍ରତି ଉପଯୁକ୍ତ ଦଣ୍ଡ ବିଧାନ କରଯାଉ, କିନ୍ତୁ କୌଣସି କାରଣ ନ ଜଣାଇ ଏମିତି ଅଭଦ୍ରଙ୍କ ପରି ହେଉଛ କାହିଁକି ?

'ସେ ଗାନେ ମୁକ୍ତିର ଯୁଦ୍ଧ : ସେ ଗାନେଇ କମ୍ରେଡ୍ ଲେନିନ୍' ଲିଖିତ ଏକ ଲାଲ ପ୍ଲାକାର୍ଡ ଧରିଥିବା ଏକ ପତଳା ଟୋକା (ଯିଏ ଦେଖିବାକୁ ଏକ ନକଲି ହିପ୍ପୀ ପରି) ମୋ ଉପରକୁ ମାଡ଼ିଆସି : ଶଳା, ବେହିପ, ହିପୋକ୍ରିଟ୍, କଂଟ୍ରୋମଭର୍ସିଆଲ୍ ଇତ୍ୟାଦି ଏମିତି ଅନେକ ଦେଶୀ-ବିଦେଶୀ ଗାଳି ଉଚ୍ଚାରଣ କରି କହିଲି : ତୁ କ'ଣ ଭାବିଛୁ କି ସାତ ଆଠଟା ଆର୍ଟିକଲ୍ ଲେଖିଦେଇ ତୁ ଆମର ସମସ୍ତ ପ୍ରୋଗ୍ରାମ୍‌କୁ ବିଗାଡ଼ିଦେବୁ ? ଆବେ, ମନେରଖ, ଆଉ ପାଦେ ଯଦି ତୁ ଆଗେଇବୁ ତେବେ ମନେ ରଖିଥା... ଏଇ ବନ୍ଦୀଶ୍ରୁଂଟରେହିଁ ତୋତେ ଝୁଲିବାକୁ ପଡ଼ିବ !!

ଆଉ ଜଣେ ଦାଢ଼ିଆ ଟୋକା ପ୍ଲାକାର୍ଡ଼ ଟିଏ ଧରି କିଛି ମିନିଟ୍ ପୂର୍ବେ ଚିତ୍କାର କରୁଥିଲି : **The world is preparing for a big change ! Every young man should join in our group'** ଯିଏ ମୋ ଉପରକୁ ମାଡ଼ିଆସି ମୋ ସାର୍ଟ କଲର୍‌କୁ ଧରି ପଚାରିଲି : ତମର କି ନୈତିକ ଅଧିକାର ଅଛି ଆମ ଗୋଷ୍ଠୀ କୁ ଏକ ବିକୃତ କାମୁକ ଗୋଷ୍ଠୀ ବୋଲି ଚିହ୍ନଣ କରି ଆମ ଆଧ୍ୟାତ୍ମିକ କାର୍ଯ୍ୟପନ୍ଥାରେ କଣ୍ଟା ବିଛାଇବାକୁ ?

ଆଉଜଣେ ଚଂଦାମୁଂଡ଼ିଆ ପ୍ରୌଢ଼ ଯିଏ ତାରୁଣ୍ୟକୁ ହଜେଇ ସାରିଲାପରେ ବି ନିଜ ପ୍ରୌଢ଼ତ୍ୱକୁ ଅସ୍ୱୀକାର କରି ଲଂବା କାଳି ରଖିଛନ୍ତି ଓ ଯେତେଦୂର ସଂଭବ ନିଜକୁ ଅନ୍ୟମାନଙ୍କ ନିକଟରେ ଏକ ରୁଚିସଂପନ୍ନ ବ୍ୟକ୍ତି ବୋଲି ପରିଚୟ ଦେବାକୁ ନିଜ ଥୋଡ଼ି ତଳେ ଧଳା ଦାଢ଼ିରେ ସେଂଟ୍ ମାରିଂଛି-ଯିଏ ଯଥା ସଂଭବ ନିଜ କ୍ରୋଧକୁ ସଂବରଣ କରି ମୋ ନିକଟକୁ ଆସିଲେ ଓ ଚୁପି ଚୁପି କହିଲେ : ମିଃ ଆଚାର୍ଯ୍ୟ... ଆପଣଙ୍କର କ'ଣ ମା-ଭଉଣୀ ନାହାଁନ୍ତି ? ଆପଣ ଜଣେ 'କୁଶଳୀ ଲେଖକ ବୋଲି' ସମାଜରେ ଆପଣଂକର ସମ୍ମାନ ଅଛି ଅଥଚ ଆପଣ ଅଯଥା ନାରୀ ଚରିତ୍ରକୁ ବିଶ୍ଳେଷଣ କରି ଆପଣଂକ ମୂଲ୍ୟବାନ ସୃଜନୀଶକ୍ତିକୁ ଅପବ୍ୟୟ କରୁଛନ୍ତି କାହିଁକି ?

Digitized by srujanika@gmail.com

ଜନଗହଳି ଭିତରୁ ଏକ ବୟସ୍କ, ଯାହାଙ୍କ ଡାହାଣ ହାତରେ ଏକ ଯଷ୍ଟି ଓ ବାଁ ହାତରେ ଗୋଟିଏ ବ୍ୟାଗଶ (ସେଥିରେ କବିତା ଓ ଗପ ଥାଇପାରେ) ଥିଲା ସିଏ ନିଜ ଓଠର ଚାର୍‌ମିନାରଟିକୁ ରାଗରେ ଫୋପାଡ଼ିଦେଇ ମୋ ଆଡ଼କୁ ଆଗେଇ ଆସିଲେ ଓ ଫିସ୍ ଫିସ୍ କରି କହିଲେ ନନ୍‌ସେନ୍‌ସ ! ତୁମକୁ ଟିକିଏ ବି ଲଜ୍ଜାନାହିଁ, ନିଜ ଲେଖକ ଜାତି ବିରୁଦ୍ଧରେ ଅନେକ ଜଘନ୍ୟ, ଲଜ୍ଜାହୀନ ମନ୍ତବ୍ୟ ଦେଇ ଗୋଷ୍ଠୀବିରୋଧୀ କାର୍ଯ୍ୟ କରୁଛ ? ଜାଣି, ପରିଣାମ କ'ଣ ହେବ ? ଏମିତି ହେଲେ ତୁମେ ବଂଚିପାରିବନି . . . ଆମେ ଇଚ୍ଛାକଲେ ତୁମର କୌଣସି ଗ୍ରଂଥ କୌଣସି ପ୍ରକାଶକ ଛାପିବାକୁ ଇଚ୍ଛା କରିବେନି । ଏ ଅଘ୍ରାନ୍ତ ବୟସରୁ ଯଦି ତୁମେ ସମାଲୋଚକରେ ପରିଣତ ହୁଅ ତେବେ ତୁମ ସାହିତ୍ୟିକ ଜୀବନରେ ମୃତ୍ୟୁ ଅନିବାର୍ଯ୍ୟ...

ତା'ପରେ... ଜଣେ ଟୋକା ଓଦାଳି ନିଜ କଳାକୋଟଟିକୁ ତା'ର ଜଣେ ବନ୍ଧୁଙ୍କ ହାତକୁ ବଢେଇ ଦେଇ ମୋ ଉପରକୁ ଲଂଫ୍ ମାରି କହିଲା : ଅବେ, ବାସ୍‌ଟାର୍ଡ ! ତମେ ଲେଖକ ଶଳେ ଅଭାବରେ ପଡ଼ି ମଲାବେଳେ ଆମପାଖକୁ ଦୌଡ଼ି ଆସି ସାହିତ୍ୟ ସମ୍ମେଳନପାଇଁ ଚାନ୍ଦା ନେବ, ମଂତ୍ରୀଙ୍କୁ କହି ଗ୍ରାଂଟ୍ କରେଇଦେବାକୁ ଅନୁରୋଧ କରିବ ପୁଣି ଓଲଟି ଆମ ବିରୁଦ୍ଧରେ ଲେଖା ଲେଖି କରିବ ଓ ଆମ କ୍ଲାଏଂଟ୍‌ମାନଂକ ଭିତରେ ମତଭେଦ ସୃଷ୍ଟି କରିବ ? ରହିରେ ଟିଃ... ତୋ ଉପରେ ମୁଁ ଏମିତି ଦ' ଗୁରିଟା କେଶ୍ ନଦାଏଦିବଯେ ଅବସ୍ଥା ଦ' ଗଣ୍ଡା ଦ କଡ଼ା ହୋଇଯିବ......

ପଛପଟୁ କାହାର ଗଳା ଧକ୍କା ଖାଇ ମୁଁ ତଳେ ପଡ଼ୁ ପଡ଼ୁ ନିଜକୁ ସଂଭାଳି ନେଇ ପଛକୁ ଫେରି ଚାହିଁଲାବେଳକୁ ଦେଖେ ଦୁଇଟି ଲାଲ୍ ଆଖି ଜଳୁଛି (ଯେତେଦୂର ସମ୍ଭବ ଯୁବକ ବନ୍ଧୁ ଜଣକ ଦ' ତିନିଟା ମାଂଡ୍ରେକ୍ସ କିମ୍ବା ହିଟ୍‌ଟୋଲାଇନ୍ ଗର୍ଭସ୍ଥ କରିଛନ୍ତି) ଏବଂ ମୋତେ ସେଇ ଦୁଇଟି ଆଖିର ଅଧିକାଂଶ ତା' ଓଠରେ ଅନେକ ଅଶ୍ଳୀଳ ଶବ୍ଦ ଉଚ୍ଚାରଣ କରି ଚଟାଉଛି : କୃତଘ୍ନ ହ୍ୟାପ, ତୁ କେବେ ରୋଗରେ ପଡିନୁ ? ହଉରେ ଶଳା, ତୁ ଯଦି କେବେ କେଉଁ ଏକ ଅଚିହ୍ନା ରୋଗରେ ପଡି ଆମ ମେଡ଼ିକେଲ୍‌କୁ ଆସୁ : ଶଳାକୁ ପଏଜନ୍ ଇଂଜେକ୍‌ସନ୍ ମାଧ୍ୟମରେ ମୁକ୍ତ କରିଦେବ !!

ସେତେବେଳେ ମୋର ଯାହା ଦୟନୀୟ ଅବସ୍ଥା ମୁଁ କାଂଦିବା ଉଚିତ୍‌ଥିଲା, ଆତ୍ମରକ୍ଷା ପାଇଁ ସେମାନଙ୍କ ନିକଟରେ ଆତ୍ମସମର୍ପଣ

Digitized by srujanika@gmail.com

କରି କ୍ଷମା ମାଗିବା କଥା ମାଷ୍ଟରଙ୍କ ମୁହଁ ନାପେଇ ମୁଁ କାନ୍ଦିବା ପରିବର୍ତ୍ତେ ସେମାନଙ୍କ ନିକଟରେ ହସର ତରଙ୍ଗ ସୃଷ୍ଟି କରୁଥିଲି ।

ଅନ୍ୟୂନ ନଅ ହଜାର ମଣିଷ ମୁଣ୍ଡଙ୍କ ସମୂହ, ଭିତରୁ ଉପଦେଶକ ଯେଉଁ ଛଅଟି ମୁଣ୍ଡ ବାରଟି ହାତ ଓ ଗୋଡ଼ ମୋ ଉପରକୁ ଫିଙ୍ଗି ପରି ମାଡ଼ିଆସି ଅନେକ ଉଦ୍ଭଟ ନାଟକର ଖଳନାୟକ ପରି ମୋ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ ସେତିକି ବେଳେ ମୁଁ ମୋର ସମସ୍ତ ଚୈତନ୍ୟ ହରାଇ ବସିଲି ଓ ଅନୁଭବ କଲି ସତେ ଯେପରି ଆକାଶର କାନ୍‌ଭାସରେ ଉଡ଼ି ବୁଲୁଥିବା ଷ୍ଟିଲ୍ ରଙ୍ଗର ଜହ୍ନଟା ତଳକୁ ଖସିପଡ଼ି ମହାଶୂନ୍ୟରେ ଏକ ଚଟାଣ ପାଲଟି ଝୁଲୁଛି ।

ଏବଂ କୌଣସି ଏକ ଅନିନ୍ଦ୍ୟ ସୁନ୍ଦରୀ ନାରୀଟିଏ ମହାଶୂନ୍ୟରୁ ଉଡ଼ିଆସି ମୋତେ କୋଳାଗ୍ରତ କରି ପୁନଃ ସେଇ ଜହ୍ନର ଚଟାଣ ଦିଗକୁ ଲକ୍ଷ୍ୟକରି ଉଡ଼ିଗଲାବେଳେ ଲିଲ୍‌ପ୍ଲାକାର୍ଡ ବାଳ ହିପ୍ପୀ ରୂପୀ ସେଇ ବୃଦ୍ଧ ଚତୁର୍ଦ୍ଦିଗ ଚିତ୍କାରକଲେ : ଉଡ଼ିଗଲାରେ ଉଡ଼ିଗଲା …ଏଇ ବେଳେ ଧରିଲ ମାଇକିନିଆଁଟା ଏ ଶଳାର ପ୍ରେମିକା ହୋଇଥାଇପାରେ…ଧର ଧର…

ସେଇ ଅନିଂଦ୍ୟ ସୁଂଦରୀ ନାରୀଟିର କୋଳରେ ରହି ମୁଁ ଶୂନ୍ୟରେ କ୍ରମଶଃ ଉଡ଼ିଲାବେଳେ ସେଇ ଅଭିଯୋଗକାରୀମାନେ ମୋ ଗୋଡ଼କୁ (କ୍ରମାନୁସାରେ ଜଣେ ଜଣକ ଗୋଡ଼କୁ ଭିଡ଼ି) ଭିଡ଼ି ଧରିଲେ ଯେହେତୁ ସେମାନେ ମୋତେ ସତେ ଯେପରି ଛାଡ଼ିବାକୁ ନାରାଜ୍…

ଯାହେଉ ସୁଖର କଥା ଆମେ ସମସ୍ତେ ବାଦୁଡ଼ିପରି ଝୁଲି ଝୁଲି ସେଇ ଜହ୍ନର ଚଟାଣରେ ପହଂଚିଲୁ ।

ଆପଣମାନେ ହୁଏତ ବିଶ୍ୱାସ କରିନପାରନ୍ତି କିନ୍ତୁ ମୁଁ ଯୋରଦେଇ କହିବି ଆମେ ସାତଜଣ ସେଠି ପହଞ୍ଚିବା ପରେ କେମିତି ଏକ ଦିବ୍ୟ ପରିବର୍ତ୍ତନ ନିଜ ନିଜମଧ୍ୟରେ ଅନୁଭବ କଲୁ ଓ କ୍ରମଶଃ ଆମେ ସମସ୍ତେ ପରସ୍ପର ମଧ୍ୟରେ ଥିବା ଆକ୍ରୋଶ ଓ ଶତ୍ରୁତାକୁ ହଠାତ୍ ଭୁଲିଯାଇ ଏକ ଏକ ପରମ ବନ୍ଧୁରେ ପରିଣତ ହେଲୁ । ସେଇ ନାରୀଟି (ଯିଏ ଏକ ସ୍ୱର୍ଗର ଅପ୍ସରାଟିଏ ପରି ଦିଶୁଥିଲା) କହିଲା : ହେ ଅମୃତ୍ ସଂତାନମାନେ ! ସୁଚିନ୍ତିତ ବିଚାର ବୋଧ-ନେଇ ଏଠି ତୁମେମାନେ ଯୁକ୍ତିତର୍କ କରିପାର… ପରସ୍ପର ମଧ୍ୟରେ ତୁମମାନଙ୍କ ଯାହା କିଛି ଅଭିଯୋଗ ଥିବ ଏଠି ସେସବୁର ସମାଧାନ କରିବ… ସିଦ୍ଧାନ୍ତ ନେବ… ଯଦି କିଛି ତୁମେ ଏଠି

Digitized by srujanika@gmail.com

ଗୋଲ୍‌ମାଲ୍‌, ଉପଦ୍ରବ ସୃଷ୍ଟି କରିବ । ତେବେ ମହାଶୟ ; ମୋର ଏଇ ବାଚାଳତା ଖାତିରେ କ୍ରମ ସମସ୍ତଙ୍କୁ ମୁଁ କ୍ଷମା କରିଦେଲି !!

ମୁଁ ମେଡ଼ିକେଲକୁ ସଂକେତ୍‌ ଦେଇପାରିଥିଲି ଅତଏବ ମୁଁ ସ୍ପଷ୍ଟ ଭାବରେ ଜଣାଇଦେଲି : ହେ ଦେବି ! ଆପଣ ବ୍ୟସ୍ତ ହେବାର କିଛି ନାହିଁ : ଆମେ ବର୍ତ୍ତମାନ ପାଗଳାଗାରର ବନ୍ଧୁ ! ଆପଣଙ୍କ ପରାମର୍ଶ ଅନୁଯାୟୀ ଆମେ ଯାହାକିଛି ମୁକ୍ତତର୍କ ବା ଆଲୋଚନା କରିବୁ ତେଣୁ ସୁଚିନ୍ତିତ ଓ ଶୃଙ୍ଖଳ ବୋଧର ମଧ୍ୟ କରିବୁ ।

ତା'ପରେ ଦେବୀ ବିଦାୟ ନେଲେ ଓ ମୁଁ ମୋର ନଅଜଣ ବ୍ୟକ୍ତିଙ୍କୁ ମୋ ନିକଟରୁ ବାଉଣ୍ଡ ଦୂରରେ ବସାଇ ଆଲୋଚନା ଆରମ୍ଭ କଲି ।

ପ୍ରଥମ ବିପ୍ଳବୀ ତରୁଣ ଜଣକ ଯିଏ ଦେଖିବାକୁ ଏକ ବିପ୍ଳବୀ ପରି- ସେ ପ୍ରଶ୍ନ କଲା : ହେ ମହାଶୟ ଆପଣ କେଉଁ ନୈତିକ ଅଧିକାର ନେଇ ଆମ ପାର୍ଟି ଚେୟାରମ୍ୟାନ୍‌ଙ୍କ ବିରୁଦ୍ଧରେ ଏତେ କଥା ଲେଖିଲେ ବୁଝାଇପାରିବେକି ?

ମୁଁ ତାକୁ ମୋ ପାଖକୁ ଡାକିଲି ଓ ମୋ ନିକଟରେ ବସିବାକୁ ଅନୁରୋଧ କଲି । ସେ ମୋ ନିକଟକୁ ଆଗେଇ ଆସିଲାବେଳେ ମୁଁ ମୋ ଆଖିରୁ ଚଷମାଟିକୁ ବାହାରକରି ପୋଛୁଥିବାବେଳେ ପ୍ରଶ୍ନ କଲି : ଆପଣଙ୍କ ନାମଟା କ'ଣ ଜାଣିପାରେକି ବନ୍ଧୁ ?

ମୁସ୍‌ ଖାଇବା ଅପରାଧରେ ଦଣ୍ଡାଦେଶ ପାଇ ଜେଲ୍‌ ଯାଇଥିବା କେଉଁ ଉଚ୍ଚପଦସ୍ଥ ଅଫିସର ପରି ମୁହଁଟିକୁ ଆଁବଳିଆ କରି ସେ କହିଲା : ନାମରୁ ମିଳିବ କସ... ତେବେ କହିଦିଏ : ମୋ ନାମ କଣ୍ଡନାଥମ୍‌ !

ମୁଁ କହିଲି : କମ୍ରେଡ୍‌ କଣ୍ଡନାଥମ ! ମୋ ନିକଟରୁ ଆପଣ କୈଫିୟତ୍‌ ତଲବ୍‌ କରିବା ପୂର୍ବରୁ ଆପଣ ଏଇ ଚଷମାଟା ନେଇ ପିନ୍ଧନ୍ତୁ ତ...

ସେ କୁଣ୍ଠିତ ଭରା କଣ୍ଠରେ କହିଲା : ଚଷମା ? ଆଚ୍ଛା ଦିଅନ୍ତୁ...

କମ୍ରେଡ୍‌ କଣ୍ଡନାଥମ୍‌ ମୋ ହାତରୁ ଚଷମାଟା ନେଇ ପିନ୍ଧିଲା ପରେ କହିଲା : ତାପରେ ? ମୁଁ କହିଲି ଆଚ୍ଛା କଣ୍ଡବାବୁ ବର୍ତ୍ତମାନ ଆପଣ ଚଷମା ପିନ୍ଧିଲାପରେ କ'ଣ ଅନୁଭବ କରୁଛନ୍ତି ?

Digitized by srujanika@gmail.com

ସେ କହିଲ : ମୁଁ ବର୍ତ୍ତମାନ କେମିତି ଏକ ବିଚିତ୍ରଭାବ ଅନୁଭବ କରୁଛି ଓ ଦେଖୁଛି ଏ ମହାଶୂନ୍ୟକୁ ଆଃ କି ସୁନ୍ଦର...ଅମୃତମୟ

: ଆଉ ?

: ମୋତେ ଏ ପରିବେଶ ବେଶ୍ ଭଲଲାଗୁଛି

: ଆଉ ?

: ଊର୍ଦ୍ଧ୍ୱକୁ ଚାହିଁଲେ ପବିତ୍ର ପବିତ୍ର ଭାବ ଆଉ ନିମ୍ନକୁ ଚାହିଁଲେ ମାୟା ମାୟା ଭାବ ଅନୁଭବ କରୁଛି !

ମୁଁ କହିଲି : ଆଚ୍ଛା ନିମ୍ନ ଦେଶରେ କ'ଣ ଦେଖୁଛନ୍ତି ?

ସେ କହିଲ : ପୃଥିବୀ...

ପଚାରିଲି : ପୃଥିବୀ ଦେଖିଲାପରେ କ'ଣ ଅନୁଭବ କରୁଛନ୍ତି ?

ସେ ଉତ୍ତର ଦେବାକୁ ଯାଇ କହିଲ : ଦେଖୁଛି, ପୃଥିବୀର ପୃଷ୍ଠରେ ଅନେକ ବିଲ, ବଣ, ସହର କୋଠାବାଡ଼ି··· କାର୍ ବସ୍ ଟ୍ରେନ୍ ଆଉ ଶହ ଶହ ମଣିଷ ମାଳମାଳ··· ପୋକ ମାଛିପରି... ମୋତେ ମୋଟ ଭାବେ ପୃଥିବୀ ଦିଶୁଛି ଏକ ନୀଳସବୁଜ ମାନଚିତ୍ର ପରି...

: ଆଉ ?

: ମାନେ ? ଓଃ... ଦେଖୁଛି ଏକ ପ୍ରକାଣ୍ଡ ମଇଦାନରେ ସହସ୍ରାଧିକ ଜନତାଙ୍କ ସମାବେଶ ଓ ମଇଦାନର କେନ୍ଦ୍ରରେ ଏକ ବିରାଟ ମଞ୍ଚ ଉପରେ ଜଣେ ଚର୍ବି ବହୁଳ ନେତାଙ୍କ ଭାଷଣ...

: ସେ ଭାଷଣର ମର୍ମ କ'ଣ ବୋଲି ଅନୁଭବ କରୁଛନ୍ତି ?

: ନେତା କହୁଛନ୍ତି — ଦେଶର କୋଣେ କୋଣେ ଖାଦ୍ୟାଭାବ... ଅଭାବ ଅନାଟନ ଯାହା ଦେଖାଦେଇଛି ଓ ଲକ୍ଷ ଲକ୍ଷ ଜନତା ଯେପରି ଅନାହାରରେ ମରୁଛନ୍ତି ସେଥିପାଇଁ ଦାୟୀ ଏ ଦେଶରି ମହାଜନ୍ ଦୋକାନୀ କଳାବଜାରୀ ବ୍ୟବସାୟୀ ଗୋଷ୍ଠୀ। ପ୍ରଥମେ ପେଟ-ପାଇଁ ଦାନା, ତା'ପରେ ଆଉ ଯାହାକିଛି !

ବର୍ତ୍ତମାନ ଆଉ ବାକ୍ୟର କୌଣସି ମାନେ ନାହିଁ...ଭାଷଣ ଲୋକଙ୍କୁ ଅନାହାର ମୃତ୍ୟୁରୁ ରକ୍ଷା କରିପାରିବନି... ଦେଶର ସମସ୍ତ ଯୋଜନା, ଆଇନ୍ କାନୁନ୍ ଫେଲ୍ ମାରିଚି ଓ ବେଳ ଆସିଛି

Digitized by srujanika@gmail.com

ରକ୍ତାକ୍ତ ସଂଗ୍ରାମର ! କର ନଚେତ୍ ମର ! ମହଜୁଦ୍‌କାରୀ କଳା-ବଜାରୀଂକ ଗୋଦାମ୍ ଲୁଟ୍ କରିବାକୁ ପଡ଼ିବ... ସେମାନଂକୁ ଜେଲ୍ ଭିତରେ ପୁରେଇବାକୁ ପଡ଼ିବ ନଚେତ୍ ରାସ୍ତାର ବତୀ ଖୁଂଟରେ ସେମାନଂକୁ ଝୁଲେଇବାକୁ ପଡ଼ିବ ।

: ଆଉ କ'ଣ ଦେଖୁଛ ଓ ଶୁଣୁଛ ମିଃ କଂଡୁନାଥମ୍ ?

: ଆଉ କିଛି ନାହିଁତ...

: ତେବେ ଦୟାକରି ଚଷମାଟିକୁ ଆଉଥରେ ପୋଛି ନିଅଂତୁ...

ସେ ମୋ ନିର୍ଦ୍ଦେଶକ୍ରମେ ଅସ୍ଥିର ଚଷମାଟିକୁ ତାହାରଙ୍କର ପୋଛିସାରିଲାପରେ ପୁଣି ପିଂଧିଲା ! ମୁଁ କହିଲି : ବର୍ତ୍ତମାନ ପୃଥିବୀକୁ ଚାହାଂତୁ ଓ କ'ଣ ଦେଖୁଛଂତି କହଂତୁ !

ସେ ବିସ୍ମୟ ନେତ୍ରରେ ପୃଥିବୀକୁ ଲକ୍ଷ୍ୟ କରି କହିଲା : ଆରେ, ସେ ମଇଦାନରୁ ଜନତାଂକ ମୁଂଡ଼ମାଳ ଧୀରେ କ୍ରମଶଃ ଅଦୃଶ୍ୟ ହେଲେଣି କିଂତୁ ଭାଷଣ ଦେଉଥିବା ସେଇ ପୃଥୁଳକାୟ ବ୍ୟକ୍ତିଂକ ସହ ଆଉ ଜଣେ ଚର୍ବିବହୁଳ ବୃଦ୍ଧ କାର୍‌ରେ ବସି ରାଜରାସ୍ତା ଉପରେ ଯାଉଛଂତି ଏବଂ ସେମାନଂକ ମଧ୍ୟରେ କିଛି କଥାବାର୍ତ୍ତା ଚାଲିଛି...

: ସେମାନଂକ କଥାବାର୍ତ୍ତାରୁ ତୁମେ କ'ଣ ଅନୁଭବ କରୁଛ ?

: ଭାଷଣ ଦେଉଥିବା ସେଇ ନେତା ଜଣକ ତାଂକ ପାଖରେ ବସି-ଥିବା ଚର୍ବିବହୁଳ ବୃଦ୍ଧଂକୁ କହୁଛଂତି : ମିଃ ଅଗ୍ରୱାଲ୍, ପଚିଶ ହଜାର ଯଥେଷ୍ଟ ନୁହେଁ...ଆଉ ଦଶ ହଜାର ଦରକାର ! ଦଶ ମୋର ଆଉ ପଚିଶ ପାର୍ଟିର...

: ଆଚ୍ଛା କଂଡୁବାବୁ...ସେ ବୃଦ୍ଧ କ'ଣ ଜବାବ୍ ଦେଉଛି ?

: ନେତାଂକ କଥାରେ ରାଜି ହୋଇ ଆଉ ଦଶ ହଜାରର ଚେକ୍‌ଟିଏ ସୁନାପୁଅ ପରି ବଢ଼ାଇ ଦେଲାବେଳେ ନେତା କହୁଛଂତି—ଚେକ୍ ନୁହେଁ କ୍ୟାସ୍...କ୍ୟାସ୍...

ମୁଁ ହସିଲି ଓ କହିଲି : ଆଚ୍ଛା କଂଡୁନାଥମ୍...ଟଂକା ନେନାବାଲା ଓ ଦେନା ବାଲା ଦୁଇଟି କିଏ ଜାଣି ପାରୁଛଂତି ତ ?

କଂଡୁନାଥମ କିଛି ସମୟ ଗୁମ୍ ମାରି ରହିଲା ପରେ କହିଲା : ଶଳା, ଆମ ପାର୍ଟି ଚେୟାର୍‌ମ୍ୟାନ୍ ଆଉ ସେଇ ମହଜୁଦ୍‌କାରୀ କଳା-ବଜାରୀ ଅଗ୍ରୱାଲ୍ ସେମାନେ...

Digitized by srujanika@gmail.com

ଧୋବଳ ॥ ଶେଷଦ୍ୱାରରେ ପାଖ

: ଅଚ୍ଛା, ମିଃ କଂଡୁନାଥନ୍ ମୁଁ ଜେବ ତୁମ ପାର୍ଟି ଚେୟାରମ୍ୟାନ୍ କମେଡ୍ ସନ୍ତୋଷବାଳା ଭୌମିକ୍ଙ୍କ ବିରୁଦ୍ଧରେ କ'ଣ ମିଛ କଥା ଲେଖିଛ ?

ସେ କେବଳ ଏତକ ଉତ୍ତର ଦେଲା : ହଁ ।

ମୁଁ ଆଦେଶ ଦେଲି : ମିଃ କଂଡୁନାଥମ ଆପଣ ବର୍ତ୍ତମାନ ମୋଠୁଁ ବିଦାୟ ନେଇ ଯେଉଁଠି ପୂର୍ବେ ବସିଥିଲେ ସେଠିକି ଚାଲି ଯାଆନ୍ତୁ ।

ମିଲ୍ ବ୍ଲାକାର୍ଡ଼ବାଲା କଂଡୁ ଚାଲିଗଲା ପରେ ମାଲ୍ ବ୍ଲାକାର୍ଡ଼ର ଅଧିକାରୀ ମୋ ସାମ୍ନାକୁ ଆସି ବସିଲେ ଓ କହିଲେ : ମୋ ନାମ ସଚ୍ଚିଦାନଂଦ ଦାସ । 'ପୃଥିବୀ ସମସ୍ୟା ସମାଧାନ ସମିତି'ର ମୁଁ ସାଧାରଣ ସଂପାଦକ । ମହାଶୟ ! ଆପଣ କେଉଁ ସତ୍ ସାହାସ ନେଇ ଆମ ସମିତି ସଭ୍ୟପଣଙ୍କୁ ଏକ ଏକ କାମରୋଗ ଗ୍ରସ୍ତ ନପୁଂସକ ରୂପେ ଚିତ୍ରଣ କରି ଆମ ଅନୁଷ୍ଠାନର ବଦ୍‌ନାମ କରିଛନ୍ତି, ଜାଣିପାରେ କି ?

ଯୁବକ ସାଧୁ ସଚ୍ଚିଦାନଂଦଙ୍କ ଉଦ୍ଦେଶ୍ୟରେ ଚକ୍ଷମାଟି ବଢ଼ାଇ ଦେଇ କହିଲି : ବାବା ସଚ୍ଚିଦାନଂଦ ! ଆପଣ ଏଇ ଚକ୍ଷମାଟି ପିନ୍ଧନ୍ତୁ । ତାପରେ ମୁଁ ଆପଣଙ୍କୁ ଠିକେ ଠିକେ ସବୁ କିଛି ବୁଝାଇ ଦେବା ପୂର୍ବରୁ ଆପଣ ସବୁକିଛି ବୁଝି ପାରିବେ ।

'ପୃଥିବୀ ସମସ୍ୟା ସମାଧାନ ସମିତି'ର ସାଧାରଣ ସଂପାଦକ ସଚ୍ଚିବାବୁ ଚକ୍ଷମାଟିକୁ 'ପିନ୍ଧିସାରିଲେ' ପରେ ମୁଁ ତାଙ୍କୁ ପ୍ରଶ୍ନ କଲି : ଆଚ୍ଛା ଦାସ ବାବୁ ! ଆପଣ ବର୍ତ୍ତମାନ ପୃଥିବୀକୁ ଦୃଷ୍ଟିପାତ କରିବା ହୁଅନ୍ତୁ ଓ କ'ଣ ଦେଖୁଛନ୍ତି ବର୍ଣ୍ଣନା କରିବା ହୁଅନ୍ତୁ... ସେ ପୃଥିବୀକୁ ଚାହିଁ ଉତ୍ତର ଦେଲେ : ବେଦ ଓ ଭଜନର ଅପୂର୍ବ ଧ୍ୱନି ସବୁ ପୃଥିବୀପୃଷ୍ଠରୁ ଭାସି ଆସୁଛି ଆଉ ଆମ ସମିତିର କୋଠା ଭିତରେ ବହୁ ନରନାରୀ ମାନଙ୍କ ସମାବେଶ ।

ପଚାରିଲି : ଆଉ ?

ସେ ଉତ୍ତର ଦେଲେ : ଆମ ସମିତିରେ ସଭ୍ୟାସଭ୍ୟ ମାନଙ୍କ ସହ ଭକ୍ତମଂଡ଼ଳୀ ବାବା-ମା ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଆଖିବୁଜି ଭଜନ ଚଳେଇଛନ୍ତି ।

: ଆଉ ? ମୁଁ ପ୍ରଶ୍ନ କଲି ।

Digitized by srujanika@gmail.com

: ସମିତିର ଉପ-ସଭାନେତ୍ରୀ ଶ୍ରୀମତୀ କାମିନୀ ଦେବୀ ଭଜନଗାନ କରୁଛନ୍ତି ଓ ଆମ ସଭାପତି ଶ୍ରୀଯୁକ୍ତ ଚନ୍ଦ୍ରଦେଶ୍ୱର ବାବୁ ଖଂଜଣୀ-ମାଡ଼ରେ ମତ୍ତ ।

: ତା' ପରେ ?

: ଆଜ୍ କାହିଁ ସେମିତି କିଛି ବିଶେଷ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ମୁଁ ଦେଖି ପାରୁନି ତ !

ମୁଁ ସ୍ମିତ ହସଟିଏ ତାଙ୍କ ଉପରକୁ ଫୋପାଡ଼ ଦେଇ କହିଲି : ମିଃ ଦାସ୍ ! ଦୟାକରି ଆପଣ ଏଇ ରୁମାଲ୍‌ଟି ନେଇ ଚଷମାର କାଚ ଦୁଇଟିକୁ ପୋଛି ଦିଅନ୍ତୁ ଓ ଚଷମାଟିକୁ ପିନ୍ଧି ପୁଣି ପୁନଃ ନଜର କରନ୍ତୁ ।

ବାବୁ ସଚ୍ଚିଦାନନ୍ଦ ମୋ କଥାର ଗୁରୁତ୍ୱକୁ ଉପଲବ୍ଧି କରି ମୋ ନିର୍ଦ୍ଦେଶ ସଂପାଦନ କଲେ ଓ ଚଷମା ପିନ୍ଧିଲେ ।

ମୁଁ ପଚାରିଲି : କ'ଣ ଦେଖୁଛନ୍ତି ?

: ଅରେ, ଆମ ଅନୁଷ୍ଠାନର ସମସ୍ତ କାର୍ଯ୍ୟକ୍ରମ ସରିଚାଲିଣି ଓ ସଭ୍ୟମାନେ ବିଦାୟ ନେଲେଣି । କିନ୍ତୁ ଆଜ୍ଞା, ଦୁଇଜଣଙ୍କ ମଧ୍ୟରେ କିଛି ଗୋଟାଏ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା ଚାଲିଛି...

ପଚାରିଲି : କେଉଁଠି ?

ସେ ଉତ୍ତର ଦେଲେ : ଏକ ଏକମୁହାଁ କୋଠରୀ ଭିତରେ ।

: କ'ଣ କଥାବାର୍ତ୍ତା ଚଳେଇଛନ୍ତି ସେମାନେ ?

ସେ କିଛି ମୁହୂର୍ତ୍ତ ପାଇଁ ଗମ୍ଭୀର ହୋଇ କହିଲେ : ସେମାନେ ଚୁପି ଚୁପି କଥାବାର୍ତ୍ତା ହେଉଥିବା ଯୋଗୁଁ ସ୍ପଷ୍ଟ ଭାବରେ କିଛି ଶୁଭୁନି ତେବେ ପୁରୁଷ ଜଣକ କହୁଛି : ହେ ପ୍ରିୟତମା ତୁମେ ବନ୍ଧ୍ୟା ଓ ମୁଁ ନପୁଂସକ ହେଲେ ବି ଆମର ଅନେକ କିଛି କାମନା ଅଛି । ଆସ ଆଜିର ଏଇ ମାହେନ୍ଦ୍ର ବେଳାଟିକୁ ରାଧାକୃଷ୍ଣ ପ୍ରେମରେ କଟେଇ ଦେବା !

: ତା'ପରେ ? ମୁଁ ପଚାରିଲି ।

:ଆଜ୍ଞା, ନାରୀ ଜଣକ କହୁଛି—ତୁ ତମେ କେତେ ବଦ୍‌ମାସ ! ।ଛଗୁ, ପ୍ରାଣେଶ୍ୱର...ଆମ ଅନୁଷ୍ଠାନକୁ ଆମେରିକାରୁ ଯେଉଁ

Digitized by srujanika@gmail.com

ଲକ୍ଷେ ଟଂକା ସାହାଯ୍ୟ ମିଳିଥିଲା ସେ ସବୁର ହିସାବ ନିକାଶ ହୋଇ ପାରିଛି କି ? ଆଉ ପୁରୁଷଟି କହୁଛି : ଆଃ ଗୋ ପ୍ରାଣେଶ୍ୱରୀ ! ବ୍ୟସ୍ତ ହେବାର କିଛି ନାହିଁ...ଏ ପୃଥିବୀ ପ୍ରେମ ଅସଂଖ୍ୟାକାଳ ଠାରୁ ଶେଷ, ଚାଲ ଯିବା ଟ୍ରେନ୍ ଟାଇମ୍ ହୋଇଗଲାଣି...

ମୁଁ ଗଂଭୀର ହୋଇ ପଚାରିଲି : ସେ ନାରୀ ଓ ପୁରୁଷ କିଏ ?

ସଚ୍ଚିଦାନଂଦ ନୀରବ । ନିର୍ବାକ୍ । ସ୍ଥାଣୁ । ତାଂକ ନୀରବତାର ଉଦ୍ଦେଶ୍ୟକୁ ଅନୁମାନ କରି କହିଲି ସଚ୍ଚିଦାନଂଦ ନୀରବ କାହିଁକି ? ଜବାବ୍ ଦିଅ !

ସେ ଥରି ଥରି କଂଠରେ କହିଲେ : ଚଂଦ୍ରଶେଖର.. କାମିନୀ ଦେବୀ ?

ମୁଁ କ୍ରୋଧସ୍ୱରରେ ନିର୍ଦ୍ଦେଶ ଦେଲି : ମୋର ଆପଣଂକୁ ବିଶେଷ କିଛି ପଚାରିବାର କିଂବା କହିବାର ନାହିଁ...ମିଃ ଦାସ୍ ଆପଣ ଦୟାକରି ନିଜର ପୂର୍ବସ୍ଥାନ ଅଧିକାର କରିବା ହୁଅଂତୁ !

ବାବୁ ସଚ୍ଚିଦାନଂଦ ଚାଲିଗଲା ପରେ ଦାଢ଼ିରେ ମେଂହ୍ଦିମରା ବାବୁ ଜଣକ ମୋ ପାଖରେ ଆସି ବସିଲେ ଓ କହିଲେ : ମୁଁ ସୁରଭିକାଂତ ମହାପାତ୍ର, ବେତାର କେଂଦ୍ରର ଆନାଉନ୍‌ସର । ମୋର ଅଭିଯୋଗଟା ହେଲା—ଆପଣଂକ ପରି ଏକ ପ୍ରତିଭାଶାଳୀ ଯୁବ-ଲେଖକ ନିଜ ଶାଳିନତା ହରାଇ, ଅଭଦ୍ରାଂକ ପରି ମୋ ପତ୍ନୀ ମହାମାୟୀ ଓ କନ୍ୟା ସୁଚରିତାର ଚରିତ୍ରକୁ ଅତି ନଗ୍ନ ଭାବରେ ଚିତ୍ରଣ କରି ଆମ ପରିବାର ମଧ୍ୟରେ ଅଶାଂତିର ଝଡ଼ ସୃଷ୍ଟି କରିଛଂତି କାହିଁକି ?

ମୋର ସମସ୍ତ ଗାଂଭୀର୍ଯ୍ୟକୁ ତାଂକ ଉପରକୁ ଫୋପାଡ଼ିଦେଇ ମୋ ଓଠରେ କଂଟକିତ ସ୍ମିତ ହସର ତରଂଗ ସୃଷ୍ଟି କଲି ଓ କହିଲି : ମିଃ ମହାପାତ୍ର ! ଯାହା ସତ୍ୟ ତାହାହିଁ ସାହିତ୍ୟ !! ତେବେ ସେଇ ସତ୍ୟକୁ ଆପଣଂକ ନିକଟରେ ମୋତେ ପରିବେଷଣ କରିବାକୁ ପଡ଼ିବ ଏଯ୍ୱାତ ? ଆଚ୍ଛା, ଆପଣ ଏଇ ଚଷମାଟିକୁ ନିଅଂତୁ... ପିଂଧଂତୁ ଓ ପୃଥିବୀକୁ ଦୃଷ୍ଟି ନିକ୍ଷେପ କରଂତୁ ।

ସୁରଭିକାଂତ ମହାପାତ୍ର ମୋ ନିକଟରୁ ଚଷମାଟିକୁ ନେଇ ପିଂଧିସାରିଲାପରେ ପୃଥିବୀକୁ ଚାହିଁଲେ ଓ କହିଲେ : ଦେଖୁଛି ପୃଥିବୀରେ ସଂଗୀତର ମଧୁର ମୂର୍ଚ୍ଛନା ସୃଷ୍ଟି ହେଉଛି ଓ ଭାଷଣର ବନ୍ୟା ମାଡ଼ୁଛି ।

Digitized by srujanika@gmail.com

ମୁଁ ପ୍ରଶ୍ନ କଲି : ସଂଗୀତର ମୂର୍ଚ୍ଛନା ଓ ଭାଷଣର ବନ୍ୟା ମାନେ ?

ସେ କହିଲେ : ଏଇ କିଛି ମିନିଟ୍ ପୂର୍ବେ ଜଣେ ମାନ୍ୟବର ମନ୍ତ୍ରୀ ଏକ ସାଂସ୍କୃତିକ ଉତ୍ସବ ଉଦ୍ଘାଟନ କଲାପରେ ନୃତ୍ୟ ଓ ସଂଗୀତର ମଧୁର ମୂର୍ଚ୍ଛନା ସୃଷ୍ଟି କଲି ଦେବଦାସୀରୂପୀ ଏକ ମୁକ୍ତକେଶୀ ତନ୍ୱୀ ତରୁଣୀ ଏବଂ ନାଚ ବନ୍ଦ ପରେ ଯୌବନ ନଦୀକୁ ଅତିକ୍ରମ କରି ପ୍ରୌଢ଼ତ୍ୱର ହ୍ରଦରେ ସନ୍ତରଣ କରୁଥିବା ଏକ ମେଦବହୁଳା ନାରୀ ଭାଷଣ ଦେଉଛନ୍ତି : କଳା ଓ ସାହିତ୍ୟରେ ବର୍ତ୍ତମାନ ମାଡ଼ିଥିବା ଅଶ୍ଳୀଳତା ବିରୁଦ୍ଧରେ...

ମିଃ ସୁରଭିକାନ୍ତ ! ଦୟାକରି ଶୁଣାଇପାରିବେକି ସେଇ ମେଦ-ବହୁଳା ନାରୀଜଣକ ଭାଷଣ ପ୍ରସଙ୍ଗରେ କ'ଣ କହୁଛନ୍ତି ?

ସେ କହିଲେ : ଛାତି ଉପରୁ ବାରମ୍ବାର ଖସି ପଡ଼ୁଥିବା ଶାଢ଼ୀକୁ ସଜାଡ଼ି ନାରୀଜଣକ କହୁଛନ୍ତି : ବନ୍ଧୁଗଣ ! ଆଜିକାଲି କଳା-ସାହିତ୍ୟ ଓ ସଂସ୍କୃତିରେ ଆନ୍ଦୋଳନ ସୃଷ୍ଟି କରିବା ନାଁରେ କେତେକ ଅର୍ବାଚୀନ ଲେଖକ ଓ ବ୍ୟକ୍ତି ବିଶେଷ ଆମ ସମାଜରେ ଗନୋରିଆ ଓ ସିଫିଲିସ୍ ରୋଗ ଜୀବାଣୁ ସଂକ୍ରମିତ କରି ସମାଜକୁ ନଷ୍ଟ କରିଦେବାକୁ ବସିଛନ୍ତି ! କେତେକ ଅସାମାଜିକ ଯୁବକ ସାହିତ୍ୟସେବା ନାଁରେ ଗୁଡ଼ାଏ ଅଶ୍ଳୀଳ ରଚନା ସୃଷ୍ଟି କରି ଆମର ଯୁବକ ଯୁବତୀ ମାନଙ୍କୁ ପଥଭ୍ରଷ୍ଟ କରାଉଛନ୍ତି ଓ ସମାଜ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି ! ବେଳ ଥାଉ ଥାଉ ଆମ୍ଭମାନଙ୍କୁ ସ୍ୱା'ର' ମୁକାବିଲା କରିବାକୁ ପଡ଼ିବ ନହେଲେ ଏ ସମାଜ ରସାତଳଗାମୀ ହୋଇଯିବ । ତା'ପରେ ନାରୀ ଜଣକ ଦୁଇଟି ବୋତଲ କୋକାକୋଲା ମଦ କିଛି ହ୍ୱିସ୍କି ମିଶା ସରବତ ପିଇ ପୁଣି ଭାଷଣ ଆରମ୍ଭ କଲେ : ବନ୍ଧୁଗଣ ! ଆଜିର ଆହୂତ ଏଇ ସାଂସ୍କୃତିକ ସଭା ଉପସ୍ଥିତ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରୁଛି ଯେ ଏ ଯାବତ୍ ଯେତେସବୁ ଅଶ୍ଳୀଳ ଗ୍ରନ୍ଥ ପ୍ରକାଶ ପାଇଛି ସେ ସବୁ ଯଥାଶୀଘ୍ର ବାଜେୟାପ୍ତ କରାଯାଉ ଓ ତଥାକଥିତ ଲେଖକମାନଙ୍କୁ ପ୍ରାଣଦଣ୍ଡ ଦିଆଯାଉ ନଚେତ୍ ଏ ଅସାମାଜିକ ଲେଖକମାନେ ବଞ୍ଚିଥିଲେ କେତେବେଳେ ଯେ କ'ଣ ଘଟିବ ସେକଥା କିଏ କହିବ ?

ପ୍ରଶ୍ନ କଲି : ତା' ପରେ ?

ସେ କହିଲେ : ଆଜ୍ଞା ମାନ୍ୟବର ମନ୍ତ୍ରୀଙ୍କ ସହ ସମବେତ ଶ୍ରୋତା-ମଣ୍ଡଳୀ ନାରୀନେତ୍ରୀଙ୍କ ଭାଷଣରେ ଉଦ୍ବୁଦ୍ଧ ହୋଇ ତାଳିମାଡ଼ରେ ବ୍ୟସ୍ତ ।

Digitized by srujanika@gmail.com

: ଆଚ୍ଛା ମିଃ ମହାପାତ୍ର ! ଆପଣ ବର୍ତ୍ତମାନ ଚଷମାର କାଚଦୁଇଟିକୁ ରୁମାଲ୍‌ରେ ପୋଛିନେଇ ପୁଣି ପିଂଧଂନ୍ତୁ ଓ...

ଏକ ଆଜ୍ଞାଧୀନ ଭୃତ୍ୟପରି ସେ ମୋ ଆଦେଶ ପାଳନକଲେ ଓ ପୃଥିବୀକୁ ଦୃଷ୍ଟି ବଢ଼ାଇଲେ ।

: କ'ଣ ଦେଖୁଛଂନ୍ତି ବର୍ତ୍ତମାନ ? ପ୍ରଶ୍ନ କଲି ।

ସେ ଅନ୍ୟମନସ୍କ ହୋଇ କହିଲେ : ଆଜ୍ଞା ସମସ୍ତ ଶ୍ରୋତା ମଂଡ଼ଳୀ ମଂତ୍ରୀଂକୁ ଯେଉଁ କିଛି କହିଲାବେଳେ ମଂତ୍ରୀ ମହାଦୟ ବିରକ୍ତିର ସହ ମୁହଁକୁ ନେଫେଡ଼େଇ ଗାଡ଼ି ଷ୍ଟାର୍ଟକରିବାକୁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଉଛଂନ୍ତି ଆଉ ଭାଷଣ ଦେଇଥିବା ସେଇ ପ୍ରୌଢ଼ା ଓ ନୃତ୍ୟରତା ସେଇ ତରୁଣୀ ଉଭୟଙ୍କ କାଖ ସଂଧିରେ ହାତପୂରେଇ ନିଜ କାର୍‌ଭିତରକୁ ଟାଣିନେଲାବେଳେ କହୁଛଂନ୍ତି : ମିସେସ୍ ଆଂଡ୍ ମିସ୍ ମହାପାତ୍ର ! ସତରେ ଏ ଦେଶର କଳା-ସାହିତ୍ୟ ଓ ସଂସ୍କୃତି ପାଇଁ ଆପଣମାନଂକ ଉଦ୍ୟମ ଓ ସଂଗ୍ରାମ ପ୍ରଶଂସାର୍ହ !

: ଆଉ କ'ଣ ଦେଖୁଛଂନ୍ତି ମିଃ ମହାପାତ୍ର ?

: ଦେଖୁଛି, ଯେଉଁ ଚଳଂତା ଗାଡି ଭିତରେ ସେଇ ନୃତ୍ୟପଟିୟସୀ ତନ୍ୱୀତରୁଣୀଂକ ସ୍ତନଯୁଗଳରେ ହସ୍ତ ସଂଗୃହଳନସହ ଚୁଂବନ ଦାନ ପର୍ବରେ ମଂତ୍ରୀ ମହୋଦୟ ମତ୍ତ ।

: ଆଉ ?

: ଦୁଇଟି ଲଂବା କାଗଜ ଉପରେ ଦୁଇଟି ଦସ୍ତଖତ ମାଗିଦେବାକୁ ସେଇ ପ୍ରୌଢ଼ାଜଣକ ମଂତ୍ରୀଙ୍କୁ ନିବେଦନ କରୁଛଂନ୍ତି !

: ସେମାନେ କଏ. ମିଃ ସୁରଭିକାଂତ ?

ସେ ଗଂଭୀର ହୋଇ କହିଲେ : ଜାଣେନା ।

ମୁଁ ଉଚ୍ଚହାସ୍ୟରୋଳ ସୃଷ୍ଟି କରି କହିଲି : ଗଭୀର ଦୃଷ୍ଟିକୋଣ ଦେଇ ଅନୁଧ୍ୟାନ କରଂନ୍ତୁ ! ତଥାପି ସୁରଭିକାଂତ ନୀରବ । ମୁହଁ ତାଙ୍କର ଶେଥା ପଡିଯାଇଥିଲା !

ସୁରଭିକାଂତ ମହାପାତ୍ରଂକୁ ସମବେଦନା ଜଣାଇବା ଛଳରେ କହିଲି : ଦୁଃଖ କରିବାର କିଛିନାହିଁ ମିଃ ମହାପାତ୍ର ! ମଣିଷ ଆଜି ବାକ୍ୟବୀରରେ ପରିଣତ ହୋଇଯାଇଛି ଆଉ ସିଏ ଯାହା କହେ ତାର ଠିକ୍ ଓଲଟା କରେ...

Digitized by srujanika@gmail.com

ସୁରଭିକାଂତ ଲଜ୍ୟାରେ ମୁହଁ ଘୋଡ଼ାଇ ମୋ ନିକଟରୁ ଉଠି ଚାଲିଗଲେ ।

ମୋଟା ଲେନ୍ସର ଚଷମାଟିକୁ ପର୍ସରେ ପୁରେଇଦେଇ ପଂଜାବୀ ପକେଟରେ ରଖିଲାପରେ ବୃଦ୍ଧ ଲେଖକ ବନ୍ଧୁ ଜଣକ ମୋ ନିକଟରେ ଆସି ବସିଲେ ଓ ଆତ୍ମ ପରିଚୟ ଦେଲେ : ମୁଁ ମିହିରମନମିଶ୍ର... ମୋ ରଚିତ ଉପନ୍ୟାସ ଓ ନାଟକ ଇତ୍ୟାଦି ଆପଣ ପଢ଼ିଥିବେ ନିଶ୍ଚୟ...

ଅତି ବିନମ୍ରଭାବ ସହ କହିଲି : ଆପଣଙ୍କ ନାଟକ ଓ ଉପନ୍ୟାସ-ର ଚରିତ୍ରମାନଙ୍କ ମୁଖ ଦର୍ଶନ ଓ ସଂଳାପ ଶ୍ରବଣର ଆବଶ୍ୟକତା ମୁଁ କଦାଚିତ ଅନୁଭବ ନକରିଥିଲେବି ପ୍ରକାଶନୀ ସଂସ୍ଥା ମାନଙ୍କର ଗ୍ରଂଥସୂଚୀ ମାନଙ୍କରୁ ମୁଁ ବେଶ୍ ଭଲଭାବେ ଜାଣେ ଯେ ଆପଣ ବିଂଶାଧିକ ନାଟକ ଓ ଉପନ୍ୟାସର ଲେଖକ, ଆଛା ସାର୍ ଶୁଣିପାରେ କି ଆପଣଙ୍କ ଅଭିଯୋଗ କ'ଣ ଓ କାହିଁକି ?

ସେ ନାଟକୀୟ ହସ ହସି କହିଲେ : ଶ୍ରଦ୍ଧେୟ ସୂର୍ଯ୍ୟକାଂତ... ମୋର ଆବଶ୍ୟ ତୁମଉପରେ ଯେମିତି କିଛି ଈର୍ଷା ବା କ୍ରୋଧ ନଥିଲେ ବି ମୋର ଏତିକ ମାତ୍ର ଦୁଃଖ ଓ ଅଭିମାନ ତୁମପରି ଏକ ସରଳ, ଉଦ୍ୟମୀ ଯୁବକ ଯେ ମୋର ପରମବଂଧୁ ଓ ସାଥୀ ନୃସିଂହ ଚରଣ ଦାସଙ୍କୁ ଏକ ନକଲି ଲେଖକ ଓ କଳାବଜାରୀ ଆଖ୍ୟା ଦେଇପାରି !

: ନୃସିଂହଚରଣ ଦାସ ? ମୁଁ ପ୍ରଶ୍ନ କଲି

ସେ ହସିହସି କହିଲେ : ଆରେ, ଏ ରାଜ୍ୟରେ ନୃସିଂହ ଚରଣ ଦାସଙ୍କୁ ନଜାଣେ କିଏ ? ତୁମେ ତାଙ୍କୁ ଚିହ୍ନି ନା ? ହାୟରେ, ଶ୍ରୀଯୁକ୍ତ ଦାସଙ୍କ ପରି ଯେଉଁ ମହାନ୍ ପ୍ରତିଭାଙ୍କ ଦୁଇ ଦୁଇଟି ନାଟ୍ୟକୃତି ମହାବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟ ଯାଏଁ ପାଠ୍ୟ ପୁସ୍ତକ ରୂପେ ପ୍ରଚଳିତ ତାଙ୍କୁ ତୁମେ ନଜାଣିବା ଏ ଦେଶର ଦୁର୍ଭାଗ୍ୟ ଛଡ଼ା କ'ଣ ଥାଇପାରେ ?

ମୁଁ କହିଲି : ସାର୍, କ୍ଷମା କରିବେ... ପାଠ୍ୟ ପୁସ୍ତକ ଲେଖକଙ୍କୁ ପ୍ରତ୍ୟେକ ପାଠକ ମନେରଖିବେ, ସଲାମ ମାରିବେ ଯେମିତି କିଛି ମାନେ ନାହିଁ ଓ ପାଠ୍ୟପୁସ୍ତକ କମିଟି ଦ୍ୱାରା ନିର୍ବାଚିତ ଗ୍ରଂଥ ମାନ ଏ ଜାତିର ଯେ ଅମୂଲ୍ୟସଂପଦ ସେକଥା ମାନିବାକୁ ବି ମୁଁ ପ୍ରସ୍ତୁତ ନୁହେଁ । କେତେକ ଦୂର ଦୃଷ୍ଟିହୀନ, ଖୁସାମଦିଆ ଭଦ୍ରଲୋକଙ୍କ ଶିକ୍ଷାନୀତି ଯୋଗୁଁ ଆଜି ଶିକ୍ଷା ବ୍ୟବସ୍ଥା ବିରୁଦ୍ଧରେ ସ୍ୱର... ଧର୍ମଘଟ ଓ ଅଶାଂତି ।

Digitized by srujanika@gmail.com

କ୍ଷୁବ୍ଧ ହେଲେ ବି ସେ ଚତୁରତାର ସହ କହିଲେ : ସୂର୍ଯ୍ୟକାନ୍ତ ! ଏକଥା ତୁମେ ବେଶ୍ ଭଲଭାବେ ଜାଣ ଶ୍ରୀଯୁକ୍ତ ନୃସିଂହ ଚରଣ ଦାସ ଜଣେ ଉଦାର, ପରୋପକାରୀ ତଥା ଏ ସମାଜର ଏକ ପ୍ରତିଷ୍ଠିତ ବ୍ୟକ୍ତି : ଜଣେ ସଫଳ ରାଜନୀତିଜ୍ଞ ହିସାବରେ ତାଙ୍କର ବେଶ୍ ସୁନାମ ଅଛି । ତୁମେ ତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଅପେକ୍ଷା ତାଙ୍କ ସହ ବେଶ୍ ବନ୍ଧୁତା ସୃଷ୍ଟି କରି ପାରିଲେ ତୁମର ଅନେକ କିଛି ସ୍ୱାର୍ଥ ସାଧନ ହୋଇପାରନ୍ତା ! ତା' ଛଡ଼ା...

ମୁଁ ବି ବେଶ୍ ଚତୁରତା'ର ସହ କହିଲି : ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ସହ ସାଲିସ୍ ସ୍ଥାପନ କଲେ ମୁଁ ବି ଯେ ସ୍ୱଭାବତ ପ୍ରତିଷ୍ଠିତ ହୋଇଯିବି ସେ ଅଭିଳାଷ ମୋର ନାହିଁ... ତା ଛଡ଼ା ପ୍ରତିଷ୍ଠାବାନ୍, ପ୍ରଭାବଶାଳୀ ହେବା ଅପେକ୍ଷା ଶକ୍ତିଶାଳୀ, ପ୍ରତିଭାଶାଳୀ ହେବାକୁ ମୁଁ ଚାହେଁ ।

ଏକଥା ଶୁଣିସାରିଲା ପରେ ସେ କହିଲେ ସୂର୍ଯ୍ୟକାନ୍ତ ବାବୁ ! ଏକଥା ମୁଁ ବେଶ୍ ଭଲଭାବେ ଜାଣେ, ତୁମେ ପ୍ରଭାବ ଅପେକ୍ଷା ପ୍ରତିଭା ଉପରେ ପ୍ରବଳ ବିଶ୍ୱାସୀ କିନ୍ତୁ ପ୍ରତିଭା-ପ୍ରଦର୍ଶନ କରିବାକୁ ଯାଇ ତୁମେ ଯେ ଅନ୍ୟର ବ୍ୟକ୍ତିତ୍ୱକୁ ହତ୍ୟା କରିବ : ଏ କଥା ମୁଁ ମୋଟେ ଆଶା କରେନା... ଏକଥା ତୁମକୁ ମନେରଖିବାକୁ ପଡ଼ିବ ଶ୍ରୀଯୁକ୍ତ ନୃସିଂହ ଚରଣ ଦାସଙ୍କ ପରି ଏକ ମହାଦ୍ରୁମ ନିକଟରେ ତୁମେ ଏକ ସାମାନ୍ୟ ଦୁବ ଘାସ ମାତ୍ର; ଅଥଚ...

ମୁଁ ହସି ହସି କହିଲି : ଏତେ ସବୁ ଅବାନ୍ତର ଯୁକ୍ତିତର୍କରୁ କ'ଣ ମିଳିବ ? ଏଇ, ରାତି ମାଡ଼ି ଆସିଲାଣି ପୃଥିବୀ ପୃଷ୍ଠରେ... ଆପଣଙ୍କ ପରେ ଆଉରି ଦୁଇଜଣ ଅଛନ୍ତି କୈଫିୟତ୍ ତଲବ କରିବାକୁ... ଆପଣଙ୍କ ଅଭିଯୋଗ କ'ଣ ଦୟାକରି ଜଣାନ୍ତୁ...

ସେ ବୋଧେ ମୋ କଥାରେ ଆଘାତ ପାଇ ନିଜକୁ ଅପମାନିତ ବୋଧକଲେ : ଅତଏବ କ୍ରୋଧରେ କହିଲେ : କେଉଁ ନୈତିକ ଅଧିକାର ନେଇ ତୁମେ ନୃସିଂହ ଚରଣ ଦାସଙ୍କ ସୃଷ୍ଟିବାନ୍ ବ୍ୟକ୍ତିତ୍ୱ ଉପରେ ଆକ୍ଷେପ କରି ତାଙ୍କୁ 'ସାହିତ୍ୟରେ ଏକ କଳାବଜାରୀ' ଆଖ୍ୟା ଦେଇଛ ମୋତେ ପ୍ରମାଣ ଦେଇ ପାରିବ ?

ଅନ୍ତର ଭିତରୁ ମାଡ଼ିଆସୁଥିବା କ୍ରୋଧକୁ ଦମନ କରି ମୁଁ ମୋର ଚଷମାଟି ପୋଛିସାରିଲା ପରେ ତାଙ୍କ ଉଦ୍ଦେଶ୍ୟରେ ବଢ଼େଇଦେଇ କହିଲି : ଯୁକ୍ତିକୁ ନେଇ ପିନ୍ଧନ୍ତୁ... ଇଏ ସତ୍ୟ ସନ୍ଧାନର ଦିବ୍ୟ ଚକ୍ଷୁ... ପରେ ଆପଣ ସବୁ କିଛି ଜାଣିପାରିବେ ।

Digitized by srujanika@gmail.com

ମିହିରମନ ମିତ୍ର ମୋ ହାତରୁ ଡ୍ରପ୍‌ମାଟି ନେଇ ପିଂଧିଲେ ପରେ କହିଲି : ସାର୍, ଦୟାକରି ଆପଣଂକ ଦୃଷ୍ଟି ପୃଥିବୀ ଉଦ୍ଦେଶ୍ୟରେ ନିକ୍ଷେପ କରଂନ୍ତୁ...ଏବଂ ପୃଥିବୀ ପୃଷ୍ଠରୁ କ'ଣ ସବୁ ବିଶେଷତ୍ୱ ଅନୁଭବ କରୁଛଂନ୍ତି ବର୍ଣ୍ଣନା କରଂନ୍ତୁ ।।

ସେ ଅନୁରୋଧ ରକ୍ଷା କଲେ ଓ ପୃଥିବୀକୁ ଚାହିଁବାକୁ ଲାଗିଲେ ।

ମୁଁ ପଚାରିଲି : କ'ଣ ଦେଖୁଛଂନ୍ତି ?

ସେ କହିଲେ : ଦେଖୁଛି, ଏକ ବିରାଟ ପ୍ରାସାଦ ନିକଟରେ ଜଣେ ଯୁବକ ଏପଟେ ସେପଟେ ଟହଲ ମାରୁଛି ଏବଂ ସତେ ଯେପରି ଖୁବ୍ ବ୍ୟଗ୍ରତାର ସହ କାହାକୁ ଅପେକ୍ଷା କରୁଛି ।

: ତା'ପରେ ?

: ପ୍ରାସାଦ ଭିତରୁ ଜଣେ ଜଣେ ପରିଚାରିକା ଯୁବକଟିକୁ ପାଛୋଟି ନେଉଛି ଆଉ ଯୁବକଟି ପରିଚାରିକାକୁ ଅନୁସରଣ କରି ଏକ ଡ୍ରଇଁରୁମ୍ ମଧ୍ୟରେ ପ୍ରବେଶ କରୁଛି !

: ତା'ପରେ ?

: ତା'ପରେ, ଯୁବକଟି ଡ୍ରଇଁ ରୁମ୍ ମଧ୍ୟରେ ପ୍ରବେଶ କରି ବିଷର୍ଣ୍ଣ ମନରେ ଚେୟାର୍‌ଟି ଉପରେ ବସି ସାରିଲା ପରେ ଜଣେ ପ୍ରୌଢ଼ ଡ୍ରଇଁ ରୁମ୍ ମଧ୍ୟରେ ପ୍ରବେଶ କରି ତରୁଣଂକୁ ସ୍ୱାଗତ ଜଣାଉଛଂନ୍ତି ଓ କୁଶଳ ଜିଜ୍ଞାସା କରୁଛଂନ୍ତି !

: ଆଉ କ'ଣ ଦେଖୁଛଂନ୍ତି ?

: ଯୁବକଟି ଚେୟାର ଉପରୁ ଉଠି ଓଠରୁ ଫୁଲାଏ ମ୍ଲାନ ହସ ପ୍ରୌଢ଼ଂକ ଉପରକୁ ଫୋପାଡ଼ି ଦେଇ ନମସ୍କାର କରୁଛି ଓ ନିଜ ଚେୟାର ଦଖଲ କରୁଛି ।

: ତା'ପରେ ?

: ପ୍ରୌଢ଼ ପଚାରୁଛଂନ୍ତି ଆଉ ସବୁ ଖବର କ'ଣ ସନତ୍ ବାବୁ ! ଲେଖା ଲେଖିରେ କେତେ ଦୂର ଅଗ୍ରସର ହେଲଣି ?

ମୁଁ ପଚାରିଲି : ଯୁବକଟି କ'ଣ କହୁଛି ?

Digitized by srujanika@gmail.com

ସେ କହିଲେ : ଯୁବକଟି ହସି ହସି କିଛି କହିବାକୁ ଚେଷ୍ଟା କରୁଛି ଅଥଚ କିଛି ଗୋଟାଏ ବ୍ୟଗ୍ରତା ଓ ବ୍ୟସ୍ତବ୍ୟସ୍ତତା ତାକୁ ଗ୍ରାସ କରିଥିବା ଯୋଗୁଁ କିଛି କହିନପାରି କେବଳ ଏତିକି କହୁଛି : ସେମିତି ବିଶେଷ କିଛି ନାହିଁ ସାର୍ ! ମାସେ ହେଲା କଲମ ଧରିନି ।

: ତା'ପରେ ?

: ପ୍ରୌଢ଼ଟି ଯୁବକଙ୍କ ଉଦ୍ଦେଶ୍ୟରେ କହୁଛନ୍ତି : ଆଉ ଭଲତ ସନତ୍ ? ତୁମ ଗପ ଓ ଉପନ୍ୟାସ ମାନ ତ ବର୍ତ୍ତମାନ ମାର୍କେଟ୍‌ରେ ବେଶ୍ ଚହଲ ପକାଉଛନ୍ତି...ଲାଗିଯାଅ ସାଧନାରେ...ତୁମର ଉଜ୍ଜ୍ୱଳ ଭବିଷ୍ୟତ ଅଛି...

ଯୁବକଟି ଗମ୍ଭୀର ହୋଇ କହୁଛି : ଏ ଦେଶରେ ମୋ ପରି ଲେଖକମାନେ ଜୀବନର ସବୁକିଛି କର୍ତ୍ତବ୍ୟବୋଧ ଭୁଲି ଏ ସାହିତ୍ୟ ଫାଇଟ୍‌ରେ ମାତିବା ଅପେକ୍ଷା ଆତ୍ମହତ୍ୟା କରିବା ଶ୍ରେୟସ୍କର ।

: ତା'ପରେ ? ପଚାରିଲି ।

: ପ୍ରୌଢ଼ କହୁଛନ୍ତି—ଆରେ, ସନତ୍ ତମେ ଏମିତି ହତାଶ୍ରାହ ହୋଇ ପଡ଼ିଲେ ଚଳିବ ? ସଂଗ୍ରାମ...ସାଧନା କରିଯାଅ... ଭବିଷ୍ୟତରେ ସୁଫଳ ପାଇବ, ଆଗ ତୁମେ ବର୍ତ୍ତମାନ ଆସିପାର, ପୁଣି ଦେଖା ହେବ—ବାଏ...

ପଚାରିଲି : ଆଉ କିଛି ଦେଖିପାରୁ ନାହାନ୍ତି ? ଶୁଣିପାରୁ ନାହାନ୍ତି ?

ସେ କହିଲେ : ନା, ଯୁବକଟି କହୁଚି ଆପଣଙ୍କ ସହ ମୋର ଏକ ଜରୁରୀ କଥାବାର୍ତ୍ତା ଥିଲା...ଆପଣ ତ ଜାଣନ୍ତି ମୋର ମାଁ'ଟି ଛଡ଼ା ଏ ପୃଥିବୀରେ ଆଉ କେହି ନାହାଁନ୍ତି...ବର୍ତ୍ତମାନ ମା ମୋର ରୋଗ ଶଯ୍ୟାରେ ! ମୃତ୍ୟୁ ମୁହଁରୁ ମାଁକୁ ବଞ୍ଚାଇବାକୁ ଅହରହ ସଂଗ୍ରାମ କରି ଏଇ ଦୁଇମାସରେ ତିନି ହଜାର ଟଙ୍କା ଶେଷ କରିସାରିଲିଣି । ବର୍ତ୍ତମାନ କପର୍ଦ୍ଦକ ଶୂନ୍ୟ... ଆପଣ ଯଦି ମୋତେ କିଛି ସାହାଯ୍ୟ କରିପାରନ୍ତେ ମୁଁ ଚିରଦିନ ପାଇଁ ଆପଣଙ୍କ ନିକଟରେ... ଅବଶ୍ୟ ମୁଁ ପରେ ଆପଣଙ୍କ ଟଙ୍କା ପରିଶୋଧ କରି ଦିଅନ୍ତି !!

Digitized by srujanika@gmail.com

ପ୍ରୌଢ଼ ବେଶ୍ ଗମ୍ଭୀର ହୋଇ କହିଲେ : ଟଙ୍କା ? ଟଙ୍କାତ ସେମିତି କିଛି ମୋ ନିକଟରେ ନାହିଁ... ମୋ ଝିଅ ଚନ୍ଦ୍ରାବତୀ ଆସନ୍ତା ସପ୍ତାହରେ ହାବାର୍ଡ଼କୁ ରିସର୍ଚ୍ଚ କରିବାକୁ ଯାଉଚି, ତା ପାଇଁ ମୋତେ ଟଙ୍କା ସଂଗ୍ରହ କରିବାକୁ ପଡ଼ୁଛି... ଏ ପରିସ୍ଥିତିରେ ମୁଁ ତୁମକୁ କିପରି ସାହାଯ୍ୟ କରିବି, ବୁଝିପାରୁନି...

ତଥାପି ଯୁବକଟି ନିରାଶ ହେବାର ପାତ୍ର ନୁହନ୍ତି : ସେ ଜୋର୍‌ରେ କହିଲା : ମୁଁ ଆପଣଙ୍କ ପାଦ ଧରୁଛି—ଏପରିକି ମୁଁ ମୋର ଦୁଇଟି ଅପ୍ରକାଶିତ ଉପନ୍ୟାସ ଆପଣଙ୍କୁ ଦୃଷ୍ଟପତ୍ର ବନ୍ଧକ କରି-ଦେବାକୁ ପ୍ରସ୍ତୁତ ଅଛି...ମୋର ମାତ୍ର ହଜାରେ ଟଙ୍କା ଦର୍କାର। ଆପଣ ଯଦି ମୋତେ ମାତ୍ର ହଜାରଟିଏ ଟଙ୍କା ବର୍ତ୍ତମାନ ସାହାଯ୍ୟ କରିଥିବେ, ଆପଣ ଭବିଷ୍ୟତରେ ଖ୍ୟାତି...ସମ୍ମାନ ସହ ସେଇ ଦୁଇଟି ଉପନ୍ୟାସରୁ ହଜାର ହଜାର ଟଙ୍କା ପାରିତୋଷିକ ପାଇବେ ପ୍ରକାଶକ ନିକଟରୁ...

ହଠାତ୍ ସେମାନଙ୍କ ଆଲୋଚନା ଭଙ୍ଗ କରି ବୈଠକଖାନା ଭିତରେ ଏକ କେଶବତୀ ସୁନ୍ଦରୀ ଯୁବତୀ ପ୍ରବେଶ କରି ହସର ଫୁଆରା ସୃଷ୍ଟି କରି କହୁଛି : ହାଏ ସନତ୍ ! ଗତକାଲି ମୁଁ ତୁମର 'ନିଶବ୍ଦ' ଉପନ୍ୟାସଟି ପଢ଼ୁଥିଲି...ବାଃ ବେଶ୍ ଚମତ୍କାର ହୋଇଛି...ମୁଁ ଆମେରିକା ଗଲାପରେ ତାକୁ ନିଜେ ଅନୁବାଦ କରିଦେବି...ଲକ୍ଷ ଲକ୍ଷ ଡଲାର ପାଇବ...ଆରେ, ତମେ ଏମିତି ମନ ମାରି ବସିଚ କାହିଁକି ?

ପ୍ରଶ୍ନ କଲି : ତା' ପରେ ?

ସେ ଉତ୍ତର ଦେଲେ : ଯୁବକଟି ସେଇ କେଶବତୀ କନ୍ୟା ଚନ୍ଦ୍ରାବତୀକୁ ଚୁହିଁ, ଆଖି ମୁଦି ପୁଣି କ'ଣ ଚିନ୍ତା କଲାବେଳେ ତରୁଣୀଟି ବାଏ କହି ଚାଲିଯାଉଛି ଆଉ ଯୁବକଙ୍କ ଉଦ୍ଦେଶ୍ୟରେ ପ୍ରୌଢ଼ ଜଣକ କହୁଛନ୍ତି : ଆଗ୍ରା ମୁଁ ତୁମ ସହିତ ଏକମତ କିଂତୁ ସମ୍ପୂର୍ଣ୍ଣ କିଛୁ ବର୍ତ୍ତମାନ ଦେଇ ପାରୁନି...ଏଇ ବର୍ତ୍ତମାନ ଦୁଇ ଶହ ଟଙ୍କା କାମ ଚଳେଇ ନେଇଥା ଆଉ ଆସନ୍ତା କାଲି ସେଇ ଦୁଇଟି ଉପନ୍ୟାସର ପାଣ୍ଡୁଲିପି ନେଇ ଆସ ମୁଁ ତୁମକୁ ସାହା କିଛୁ'ଦେବାର ଥିବ ଦେବାକୁ ଚେଷ୍ଟା କରିବି...

: ତା' ପରେ ?

ସେ କହିଲେ : ଯୁବକଟି ମୁହଁରେ କିଛୁ ସଂତୋଷ ଓ ଆଶାର ରେଖା ଫୁଟାଇ ପ୍ରୌଢ଼ଙ୍କ ନିକଟରୁ ଦୁଇଶହ ଟଙ୍କା ନେଇ

Digitized by srujanika@gmail.com

ପକେଟରେ ପୁରେଇ ସାରିଲା ପରେ କହୁଛି : କଷ୍ଟେ, ଆସଂତା କାଲି କାହିଁକି ଏଇ ବର୍ତ୍ତମାନ ଆପଣଂକ ଡ୍ରାଇଭର କିଂବା ଚାକରକୁ ପଠାଂନ୍ତୁ ମୁଁ ତା' ହାତରେ ସେଇ ପାଣ୍ଡୁଲିପି 'ଦୁଇଟି ପଠାଇଦେବି !

ମୁଁ ପଚାରିଲି : ଆଜ୍ଞା, ଆଜି କ'ଣ ଦେଖୁଛନ୍ତି ?

ସେ ଗମ୍ଭୀର ହୋଇ କହିଲେ : ବାଃ ଏ ଚଷମାର କି ଚମତ୍କାର ଗୁଣ !

ମୁଁ ହସିଲି ଓ କହିଲି : ଏଇ ରୁମାଲ୍‌ଟିକୁ ନିଅନ୍ତୁ ଓ ଚଷମାର କାଚ ଦୁଇଟିକୁ ଦୁଇଥର ପୋଛିଦେଇ ପିନ୍ଧନ୍ତୁ !

ସେ ଚଷମାଟିକୁ ପିନ୍ଧି ସାରିଲା ପରେ ମୁଁ ତାଂକୁ କହିଲି : ଚଷମା ପୁଣି ତା'ର ଚମତ୍କାର ଗୁଣ ଦେଖାଇବ : ଆଜ୍ଞା ଆଜି କ'ଣ ଆପଣ ଦେଖୁଛନ୍ତି, କହିଲେ ?

ସେ ଗମ୍ଭୀର ହୋଇ କହିଲେ : ଏଇ କେଇ ମିନିଟ୍ ପୂର୍ବେ ଯେଉଁ ପ୍ରାସାଦକୁ ସେଇ ଯୁବକଟି ଆସି ଚାଲି ଯାଇଥିଲା ସେଇ ପ୍ରାସାଦର ନୀଳରଂଗ ବଦଳି ଯାଇ ବର୍ତ୍ତମାନ ଏକ ନାରଂଗୀ ରଂଗରେ ପରିବର୍ତ୍ତିତ ହେଲାଣି । ଆଉ ପ୍ରାସାଦ ଭିତରକୁ କାରଟିଏ ପ୍ରବେଶ କଲାପରେ ସେଇ ପ୍ରୌଢ଼ ଜଣକ କାର ଭିତରୁ ଓହ୍ଲାଇ ଆସିଲା-ବେଳେ ସେଇ ଯୁବକଟି କାର ନିକଟକୁ ଆସି ବିରକ୍ତି ମିଶା ସ୍ୱରରେ କହୁଛି : ସାର୍, ଆପଣ ମୋର ପାଣ୍ଡୁଲିପି ଦୁଇଟି ନେବାର ଦୁଇଟି ମାସ ବିତିଗଲାଣି ଅଥଚ ଆପଣ ଦେଇଥିବା ପ୍ରତିଶ୍ରୁତିରୁ କାଣିଚାଏ ବି ମୋତେ ମିଳିଲାନି ! ବହୁ ଦୀର୍ଘ ବର୍ଷ-ନିଧାଡ଼ି ଖଟେଇ ମୁଁ ଯେଉଁ ଦୁଇଟି ସୃଷ୍ଟିକୁ ଜନମ ଦେଇଥିଲି ସେଇ ଦୁଇଟିକୁ ଆପଣଂକୁ ବିକ୍ରି କରି ବି ନା ମୋ ନାମକୁ ଫେରେଇ ପାରିଲି...ନା ଆପଣଂକ ଠୁଁ ବକେୟା ପ୍ରାପ୍ୟ ପାଇ ପାରିଲି : ସାର୍, ଆପଣ ତ ସେଇ ଦୁଇଟି ଉପନ୍ୟାସରୁ ସହସ୍ରାଧିକ ଟଂକା ଲାଭ ଉଠେଇ ସାରିଲେଣି...ଆଉ ମୋ ପ୍ରତି ଆପଣଂକର ଏ ଉଦାସୀନତା କାହିଁକି ??

ପ୍ରୌଢ଼ ଜଣକ କୌଣସି କୈଫିୟତ୍ ଦେବାକୁ ନାରାଜ୍ । ସେ ଅପମାନ ମିଶ୍ରିତ କ୍ରୋଧରେ ଜଳି ଦରଓ୍ୱାନ୍‌କୁ ଆଦେଶ ଦେଲେ : ୟହାଁସେ ହଟାଓ ଶାଲାକୋ !

ମୁଁ ପଚାରିଲି : ମହାଶୟ ! ଆଉ କ'ଣ ଦେଖୁଛନ୍ତି ?

Digitized by srujanika@gmail.com

ସେ କ୍ରୋଧରେ ଜର୍ଜରିତ ହୋଇ କହିଲେ : ହାୟରେ, ଏ ଦେଶରେ ଏମିତି ଭ୍ରଷ୍ଟାଚାର ବି ହୁଏ ! ଜଣେ ଶ୍ରମିକ ଅନ୍ୟ ଜଣେ ଶୋଷଣ କରି ପୁଣି ତା' ବେଙ୍କରେ ଛୁରୀ ମରାଯାଇ ପାରେ…

ମୁଁ ପଚାରିଲି : ଆପଣ ଜାଣଂନ୍ତି ସେ ଭଦ୍ରଲୋକ କିଏ !

ମିହିରଦମନ ମିଶ୍ର କହିଲେ : ଆରେ, ଏ ଲୋକଟା ତ ନୃସିଂହଚରଣ ଦାସଂକ ଭଳି ମନେ ହେଉଛି !

ମୁଁ ହସି ହସି ପଚାରିଲି : ଆପଣ ସବୁ କହୁଛନ୍ତି : ନୃସିଂହଚରଣ ଦାସ ଜଣେ ଉଦାର, ବିଶିଷ୍ଟ ଭଦ୍ରବ୍ୟକ୍ତି ବୋଲି ଅଥଚ…

ସେ କ୍ରୋଧରେ କହିଲେ : 'ମୁଖା' ହିଁ ଏ ଦେଶର ସମସ୍ତ ଐତିହ୍ୟ ସଂସ୍କୃତି ଓ ପ୍ରତିଭାକୁ ଧ୍ୱଂସ କରି ଦେଇଛି । ହାୟରେ, ମୁଁ ଯେଉଁ ନୃସିଂହବାବୁଂକୁ ମୋର ପରମ ବନ୍ଧୁ…ଜନସେବୀ ବୋଲି ଭାବୁଥିଲି ସେତ ତାର ଠିକ୍ ଓଲଟା…ପ୍ରଭାବ ଏ ଦେଶରେ କ'ଣ ନକରେ ସତେ…

ପଚାରିଲି ସେ ଯୁବକଟିକୁ ଗଳା ଧକ୍କା ଦେଇ ଗେଟ୍ ବାହାରକୁ ତଡ଼ି ଦିଆଗଲା ?

ସେ କହିଲେ : ନା…ଗାଡ଼ି ତଳେ ଚାପି ମର୍ଡ଼ର କରିଦିଆ ଗଲଣି…

ମୁଁ କହିଲି : ଆହା…

ସେ ରୁମାଲ୍‌ରେ ଆଖି ପୋଛିଲେ । ମୁଁ କେବଳ ହସୁଥିଲି ।

ବଂଶାଧିକ ସାମାଜିକ ନାଟକ ଓ ଉପନ୍ୟାସର ସ୍ରଷ୍ଟା ମିହିରଦମନ ମିଶ୍ର ଦୁଇ ପାଦୁକରେ ମୁହଁକୁ ଲୁଚାଇ ଚାଲିଗଲା ପରେ ମୋ ନିକଟକୁ ଆସିଲେ ସେଇ ଟୋକା ଓକିଲ ଯିଏ ସ୍ତ୍ରୀଥିବା ସ୍ତ୍ରୀରେ ଅର୍ଥାତ୍ ଯେଉଁ ଚୌହଦରେ ମୋ ଛାତିକୁ ବାଁ ହାତର ଆଂଗୁଠି ମାନଂକରେ ଚମୁଟି ମୋତେ ଧମକ ଦେଉଥିଲେ : ମୋ ଉପରେ ଦୁଇ ଚାରିଟା କେଶ୍ ନହଦେଇ ଜେଲ୍‌ରେ ପୁରେଇ ଦେବାକୁ !

ମୁଁ ପଚାରିଲି ଆପଣଂକ ନାମ ?

ସେ ଉତ୍ତର ଦେଲେ ଆଜ୍ଞା, ମୋ ନାଁ ଡ଼ଃ. ଚଂଦ୍ରଧ୍ୱଜ ମହାଂତି, ଏମ୍. ଏ. (ପି. ଏଚ୍. ଡ଼ି) ଏଲ୍.ଏଲ୍. ବି ଆଉ… (କୋଦଦ)

Digitized by srujanika@gmail.com

: ବାପ୍··· ବାପ୍···ହଁ, ଆପଣଂକର ଏମିତ ଅନେକ କଛୁ ଶିକ୍ଷାଗତ ଯୋଗ୍ୟତା ଓ ଉପାଧି ଅଛୁ ସେ ସବୁ ଶୁଣିଲ ବେଳକୁ ମୋର ଶ୍ରଦ୍ଧକଣ୍ଟ ଆରଂଭ ହୋଇସାଇଥିବ ଓ ଆପଣଂକର କଂଠନଳୀ ଶୁଖି ଯିବାର ଯଥେଷ୍ଟ ସଂଭାବନା ଅଛୁ । କଂତୁ ମିଃ–ମହାଂତ କେଉଁ ସବ୍‌ଜେକ୍‌ଟରେ ଗବେଷଣା କର ଡକ୍‌ଟେରେଟ୍ ଡ଼ିଗ୍ରୀଟିକୁ କଣିଛଂତ··· ସର, ହାସଲ୍ କରଛଂତ ?

ସେ ଯଦିଓ ଏଇ 'କଣିବା' ଶବ୍ଦଟିକୁ ଶୁଣି ମୂହୂର୍ତ୍ତେ ମାତ୍ର କ୍ରୁଧ ହେଲ କଂତୁ ପରମୂହୂର୍ତ୍ତରେ ଶାଂତ ସ୍ୱରରେ କହଲ : ଜର୍ନାଲିଜମ୍ ସାଂବାଦକତାରେ !!

: ଆଚ୍ଛା ମିଃ ଡଃ· ମହାଂତ... ସାଂବାଦକତାରେ ଯେତେବେଳେ ଆପଣ ମାଷ୍ଟର ଡ଼ିଗ୍ରୀ ପୁଣି ଡକ୍‌ଟେରେଟ୍ ହାସଲ କରଛଂତ : ଏଥିରେ ସଂଦେହର ଅବକାଶ ନାହିଁ ଆପଣ ନିଶ୍ଚୟ ଜଣେ ସଫଳ ସାଂବାଦକ (କଂତୁ ଏଦେଶର ସମସ୍ତ ସଫଳ ସିଦ୍ଧିବାଦ୍ ସାଂବାଦକ ମାନେ ଯେ ମାଷ୍ଟର୍ ଡ଼ିଗ୍ରୀ ହାସଲ କରଛନ୍ତି ଓ କରବାକୁ ବାଧ ସେମିତ କଛୁ ମାନେ ନାହିଁ) ହୋଇ ପାରଂତେ କଂବା ଯେ କୌଣସି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରପାରଂତେ କଂତୁ ଆପଣ ଏଇ ସବୁ ଜେଲ୍, ମୋକଦ୍ଦମା, ଫାଶି ଇତ୍ୟାଦି ଅଜବ୍ ଧରଣର ଜଘନ୍ୟ ଆଇନ ବ୍ୟବସାୟରେ ଯୋଗଦେଇ ଗୋଟିଏ ବ୍ଲାକକୋଟ୍ ଭିତରେ ନିଜକୁ ଆତ୍ମଗୋପନ କଲେ କାହିଁକ ?

ସେ ହସିଲ ଓ କଛୁ ସମୟ ମ୍ରିୟମାଣ ବସିଯାଇଲ ପରେ କହଲ : ନୋ ଭକାନ୍‌ସି ! କେବଳ ସେଇ ଗୋଟିଏ ସାଇନବୋର୍ଡ 'ନୋ ଭକାନ୍‌ସି' ର ବିଦ୍ରୂପ... ପ୍ରତ୍ୟାଖ୍ୟାନ୍ ର ସ୍ୱର ଶୁଣିଲ ମୁଁ ଯେଉଁଠି ପାଦ ଦେଲ ଚାକରୀ ଆଶାରେ–ସେଠି । ପ୍ରଥମେ ପ୍ରଥମେ ଅର୍ଥାତ୍ ବିଶ୍ୱବିଦ୍ୟାଳୟରୁ ଡ଼ିଗ୍ରୀହାସଲ କର ଫେରଲ ପରେ ଅଧ୍ୟାପକ ଚାକରୀଟିଏ ମିଳିଗଲେ ମା ବୁଢ଼ୀଟିକୁ ଭାଉଜଂକ ଅତ୍ୟାଚାରରୁ ମୁକ୍ତକର ଆଣି ପାଖରେ ରଖିବି··· ସୁଂଦରୀ ଶିକ୍ଷିତା ତରୁଣୀଟିଏ କୁ ବିବାହ କର ନେଇ ନୂଆ ସଂସାର ଆରଂଭ କରବ ଏଇ ଆଶା ଓ ବିଶ୍ୱାସ ନେଇ ସମସ୍ତ ବିଶ୍ୱବିଦ୍ୟାଳୟର 'ସାକ୍ଷାତ୍‌କାର' ଭିତରେ ବୁଲିଲ । କଂତୁ ସବୁ ଗୋଟା ଦିନ । 'ନୋ ଭକାନ୍‌ସି' । ଅଥଚ ବିଜ୍ଞାପନ ବାହାରେ ଚାକରୀ ପାଇଁ । ଅଧ୍ୟାପକଟିଏ ହେବାକୁ ହେଲେ ଅଂତତଃ ପକ୍ଷେ ମଂତ୍ରୀଂକ ପୁଅ... ପୁତୁରା ହୋଇଥିବାକୁ ପଡ଼ିବ ନଚେତ୍ ମଂତ୍ରୀଂକ ଆତ୍ମୀୟା... ସୌଭାଗ୍ୟବତୀବାଳାଂକ ପ୍ରେମ ଧ୍ୟାମାଦର ପ୍ରଥମ ବା ଦ୍ୱିତୀୟ

Digitized by srujanika@gmail.com

ଯାହାର ଚାଳକାରେ ନଜର ନଂବର ଲଗିଥିବାକୁ ପଡ଼ିବ କିଂବା ମଂତ୍ରୀଂକ ପର୍ସନାଲ୍ ସେକ୍ରେଟାରୀଙ୍କ ଶାଳକ ହୋଇଥିବାକୁ ପଡ଼ିବ କିଂତୁ ଟଂକା ବା ଯୋଗ୍ୟତାର କୌଣସି ମୂଲ୍ୟ ନାହିଁ ।

Minister's desire ଗୃହ୍ୟ : ଟଂକା ନାହିଁ ।

: ତା' ପରେ ? ' ପଚାରିଲି ।

: ତା' ପରେ, ଠିକ୍ କଲି ଯେତେସବୁ ସାର୍ଟିଫିକେଟ୍ ଅଛି ସବୁ ସମୁଦ୍ରରେ ଭସେଇଦେବି... ନଂଗ୍ଳା ହେବି... ପରେ ସ୍ୱର୍ଗଦ୍ୱାର ନିକଟରେ ଭାଂଗରେ ପଏଜନ୍ ମିଶାଇ ପିଇଦେଇ ଏ ପୃଥିବୀରୁ ନମସ୍କାର ବିଦାୟ ନେବି ।

: ତା' ପରେ ? ' ପଚାରିଲି ।

ସେ ହସିଲା ଓ କହିଲା : ବିଶ୍ୱାସ କରଂତୁ ମୁଁ ଯେବେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିଲି କିଂତୁ ସାର୍ଟିଫିକେଟ୍ ଭଳି ସମୁଦ୍ରରେ ଫୋପାଡ଼ି ନଥିଲି । କିଂତୁ ମୁଁ ଆତ୍ମହତ୍ୟା କରିପାରିଲିନି । ମୋର ଶେଷଶରଣ ସର୍ଭିସ୍ ଟିଉସନ୍ ଯାହା ଗ୍ରାଜୁଏଟ୍ ଜୀବନରେ ଅର୍ଥ ଉପାର୍ଜନର ପଂଥା ଥିଲି... ତା' ପୁଣି ଆରଂଭ କଲି ଯୋର୍ ସୋର୍‌ରେ । ଟିଉସନ୍ ବାବଦରେ ମାସିକ ଅଢ଼େଇଶହ ଟଂକା ମିଳୁଥିଲା । ଜଣେ ବଂଗାଳୁଣୀକୁ ଓଡ଼ିଆ ପଢ଼େଇବା ପାରିଶ୍ରମିକ ସ୍ୱରୂପ ଶହେ ଟଂକା ଓ ଗୋଟିଏ ପରିବାରର କନ୍‌ଭେଂଟ ପଢ଼ାଳି ପୁଅଝିଅଂକୁ ପଢ଼େଇବା ବାବଦରେ ଦେଢ଼ ଶହ ଟଂକା ମିଳୁଥିଲା । ଭାବୁଥିଲି, ହ୍ୱେର୍ ମ୍ୟେଣ୍ କେଂଡ଼େଜେଟ୍ ବୋଲି ଚାକିରି ମିଳା ମିଳିଲାନି ! ଚାକିରି ମିଳିବା ଭିତରେ ଅଂତତଃ ଥେସିସ୍ କାମ ସାରି ଦେଇଥିଲେ ଡକ୍ଟରେଟ୍‌ଟିଏ ପୁଅ...ଯା' ହେଉ ସେଇ ବଂଗାଳୁଣୀ ଝିଅର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଥେସିସ୍ କାମରେ ମାତିଗଲି ।

କିଂତୁ ଚାକିରି.....ଅଧ୍ୟାପନା ଆଶା ବୃଥା..... ଶୂନ୍ ! କେବଳ ଡକ୍ଟରେଟ୍ ହିଁ ମୋ ନାମର ଅଗ୍ରଗାମୀ... ସାଂତ୍ୱନାର ସ୍ଥଳ । ତା'ପରେ ସଂବାଦ ପତ୍ର ଅଫିସ୍‌ମାନଂକରେ କ୍ୟୁ ମାରିଲି । କିଂତୁ ସେଠି ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ଜାତିଆଣ ଭାବ ଓ ଯୋଗ୍ୟତା ହିଁ ବଡ଼କଥା । ପୁଣି ସଂପାଦକଂକ ମର୍ଜିକୁ ଜଗି ଚାଲିବାକୁ ପଡ଼ିବ । ନରେଡ୍ ଗେଟ୍ ଆଉଟ୍ ।

: ତା' ପରେ ? ଜଲ୍‌ଦ ଯାଂଚିଂଟୁ ଆପଣଂକର ଏଇ ଆତ୍ମପ୍ରୀତି...ଜ୍ୱାଳା ଓ ଯଂତ୍ରଣାର ପରିଚିତ ପତ୍ର ! ରାତି

Digitized by srujanika@gmail.com

ଅନେକ ହେଲାଣି...ତେଣେ ପୃଥିବୀ ପୃଷ୍ଠରେ ଆପଣମାନଂକ ପଦାନୁସରଣକାରୀମାନେ ପ୍ରତୀକ୍ଷା କରି କରି ବିରକ୍ତ ହେବେଣି; ମୁଁ ଟିକେ ବ୍ୟଂଗ କରି କହିଲି ।

: ହଁ, ଠିକେ ଠିକେ କହିବଦଁ...ନା ମୁଁ ଆତ୍ମହତ୍ୟା କରିପାରିଲି ନା ମୋ ଯୋଗ୍ୟତାକୁ ବିନିଯୋଗ କରି ଅର୍ଥୋର୍ଜନ କରି ଶାଂତିରେ ଚଳିପାରିଲି । ବେକାରୀ ଭିତରେ ଦୁଇଟି ବର୍ଷ ବିତିଗଲା । ଟ୍ୟୁସନ ବ୍ୟବସାୟ ମଧ୍ୟରେ ଗୋଟାଏ ପରେ ଗୋଟାଏ ପଚିଶବାର ପରିବର୍ତ୍ତନ ଘଟୁଥିଲେ ବି ମୁଁ ମୋର ସେଇ ଟିଉସନ୍ ସର୍ଭିସ୍ ଚଳାଇଥାଏ । ହଠାତ୍ ଦିନେ ମନେ ପଡ଼ିଲା ଆରେ, ମୋର ତ ହିଂଦି ସାହିତ୍ୟରେ 'କୋବିଦ' ଡିଗ୍ରୀ ଅଛି···କିଛି ଘୂସ୍ ଦେଇ ପାରିଲେ ଅଂତତଃ ପକ୍ଷେ ହିଂଦୀ ମାଷ୍ଟ୍ରଟିଏ ହୋଇ-ପାରିବି... । ଚାକିରୀଟିଏ ବହୁ ଚେଷ୍ଟା ପରେ ମିଳିଲା ମାତ୍ର ସିଏ ସମୁଦ୍ରକୁ ଶଂଖେ ପାଣି...ଅର୍ଥାତ୍ ଶିକ୍ଷା ବିଭାଗରୁ ନିର୍ଦ୍ଦେଶ ମିଳିଲା ମୁଁ ରହୁଥିବା ସହରଠୁଁ ପଚିଶ ମାଇଲ ଦୂରବର୍ତ୍ତୀ ଏକ ଅରଣ୍ୟାଂଚଳର ହାଇସ୍କୁଲରେ । ମାସକୁ ଦରମା ଦେଢ଼ଶ ଟଂକା । ସେତେବେଳେ ମୁଁ ପ୍ରାୟତଃ ଏକ ରାଜନୈତିକ ଦଳ ଅର୍ଥାତ୍ ଏକ ସର୍ବହରା ପାର୍ଟିରେ ନାଁ ଲେଖାଇଥିଲି : ଯେହେତୁ ମୁଁ ସର୍ବହରା । କିନ୍ତୁ ମୁଁ ସର୍ବହରା ହେଲି ବୋଲି ଯେ ସଂଗ୍ରାମୀ ହେବାକୁ ବାଧ୍ୟ ଓ ସହରର ଫ୍ରି ଲାଇଟ, ପକ୍କା ସଡ଼କକୁ ଛାଡ଼ି ଏକ ଗ୍ରାମାଂଚଳ ଭିତରେ ନିଜ ପ୍ରତିଭାକୁ ମାଟିଦେବି ତାହା ଚାହିଁ ନଥିଲି । ହିଂଦିମାଷ୍ଟ୍ର ଚାକିରୀର ଆଦେଶକୁ ପଦାଘାତ କଲି । ସେଇ ଟ୍ୟୁସନ ବ୍ୟବସାୟ ଭିତରେ ଯା' ସେଇଯା ନାଆ ଚଳେଇଲି ..

ହଠାତ୍ ଦିନେ ଅର୍ଥାତ୍ ତିନିବର୍ଷ ପରେ ଦେଖା ହେଲା ସେଇ ଓଡ଼ିଆ ଭାଷା ପଢ଼ାଳୀ ମୋର ପ୍ରିୟ ଛାତ୍ରୀ (ସିଏ ମୋଠୁଁ ପାଂଚ-ବର୍ଷ ବୟସ୍କା ହୋଇପାରେ) ସୋନା ମୁଖାର୍ଜୀ ସହ ।

ମୁଁ ତାକୁ ଦେଖି ନ ଦେଖିବାର ଅଭିନୟ କରି ଆତ୍ମଗୋପନ କଲାବେଳେ ସେ ଚିତ୍କାର କଲା : ହାଏ ଚନ୍ଦ୍ରଧ୍ୱଜ ବାବୁ !

: ହାଏ, ସୋନା !

: ଆପଣ··· ବର୍ତ୍ତମାନ···

: ନୋ ଭକାନ୍ସି··· ସେଇ ଟ୍ୟୁସନ୍‌ଗିରି !

: ଆଚ୍ଛା··· ହା

Digitized by srujanika@gmail.com

: ମୋ ପ୍ରତି ଯେ ଆପଣଙ୍କର ସମବେଦନା ଓ ସହୃଦୟତା ଭରି ରହିଛି ସେଥିପାଇଁ ମୁଁ ଆପଣଙ୍କ ନିକଟରେ ଗଭୀର କୃତଜ୍ଞ; ଆଉ ଆପଣଙ୍କ ହାଲ୍‌ଚାଲ କଣ ?

: ସେମିତି ବିଶେଷ କିଛି ମନ୍ଦ ନୁହେଁ କି ଭଲ ନୁହେଁ !!

: ମ୍ୟାରେଜ୍ ପରେ ସରିଲାଣି ବୋଧେ...

: ୟେସ୍, ଲଭ୍‌ମ୍ୟାରେଜ୍... ଅବଶ୍ୟ ମୁଁ ଆପଣଙ୍କୁ ନିମନ୍ତ୍ରଣ ପତ୍ର ପଠାଇପାରିନି ସେଥିପାଇଁ ଦୁଃଖିତ... ଆପଣଙ୍କ ଠିକଣା ଖୋଜି-ଖୋଜି ମୋତେ ମିଳିଲାନି ଯେ... ଆପଣ ନିଶ୍ଚେ ମୋତେ କ୍ଷମା ଦେବେ !

: ଆପଣଙ୍କର ସେଇ ସ୍ୱାମୀ ଦେବତାଙ୍କ ନାମଟା ଜାଣିପାରେ କି ?

: ଚନ୍ଦ୍ରମୋହନ ଚୌଧୁରୀ !

: ମାନେ ଡ଼ଃ. ଚନ୍ଦ୍ରମୋହନ ନା ଆଡ଼୍‌ଭୋକେଟ୍ ଚନ୍ଦ୍ରମୋହନ ?

: ଆଡ଼୍‌ଭୋକେଟ୍ ଚନ୍ଦ୍ରମୋହନ ଚୌଧୁରୀ...

: ସେଇ ହିପୋକ୍ରିଟ୍... ଚରିତ୍ରହୀନ ବୃଦ୍ଧ ସହ... ମୁଁ ଦୁଃଖିତ ଆପଣଙ୍କ ସାମ୍ନାରେ ଆପଣଙ୍କ ସ୍ୱାମୀ ଦେବତାଙ୍କୁ...

: ନା... ନା ଆପଣ ଠିକ୍ କହୁଛନ୍ତି ମିଃ ଚନ୍ଦ୍ରଧ୍ୱଜ... କିନ୍ତୁ ମୁଁ ମୋ ରାସ୍ତାରେ ଠିକ୍ ଅଛି !!

: ଆଉ ସବୁ ଖବର୍ କ'ଣ ?

: ନା, ଆପଣ ଆପଣଙ୍କ 'ହାଲ୍‌ଚାଲ୍' ସବୁ କହନ୍ତୁନା !

ମୁଁ ଏକ ହତଭାଗ୍ୟ, ବେକାର... ମୋ ହାଲ୍‌ଚାଲ୍ ଜ୍ୱାଳା ଓ ସଂଘର୍ଷର... ଶୁଣି କି ସୁଖ ପାଇବେ !

ଆଚ୍ଛା, ଆପଣ ତ ଲ' କମ୍ପ୍ଲିଟ୍ କରିଛନ୍ତି...ଓକିଲାତି କରୁନାହାନ୍ତି ?

: ମୋ ପରି ବ୍ୟକ୍ତି ଓକିଲାତି କରିବା ଯାହା : ନିଜ କ୍ଲାଏଣ୍ଟ୍-ମାନଙ୍କୁ ଜେଲ୍ ଭିତରେ ପୁରେଇବା ସେୟା...

: ଯେକୌଣସି ପ୍ରତିଷ୍ଠିତ ଆଇନଜୀବୀ ପାଖରେ ଜୁନିଅର୍ ହୋଇ ରହିଲେ...

Digitized by srujanika@gmail.com

କଣେ । ଶେଖରଙ୍କର ମୀଷ୍ଣ

: କିଏ ଅଛି ଏମିତ ଏକ ଷଣାଳ ତୃଦ୍ୟୁବାନ୍ ଆଇନଜୀବୀ ଯିଏ ମୋତେ ଗୋଟାଏ ପୁନ ତୁଚର ଗଢଣ କରି... ତାଠରୁ ଟଂକା ଘାଣ ଜୁନ୍‌ଏର୍ କରି ରଖିବ, ପୁଣି...

: ମୁଁ ଗୋଟାଏ କଥା କହିବ ?

: କୁହନ୍ତୁ ।

: କହୁ ଭୟଦେବେ ନ ତ !

ସେମିତି କହୁ...

: ଦେଖନ୍ତୁ, ଆପଣ ତ ଜାଣନ୍ତି ମିଃ ଚନ୍ଦ୍ରମୋହନ ଚଗ୍ରନଗ୍ରାନ... ଯୌବନର ବା ବୟସ ନଥାଉ ପଛେ ସବୁବେଳେ ତାଂକର ନୂଆଁ-ନୂଆଁ ଶହଅରେ ମନ... ମୁଁ ନାମକୁ ମାତ୍ର ତାଂକର ସ୍ତ୍ରୀ ଓ ସେ ମୋର ସ୍ୱାମୀ ବିଦେଶୀ ଯାଇବିର ଖଂଡଏ ପାସ୍‌ପୋର୍ଟ ପରି ।

: ମୁଁ ଆପଣଂକ ପାଇଁ କ'ଣ କରିପାରେ ?

: ମୋର ଅଂତରଂଗ ପୁରୁଷ ବନ୍ଧୁଟିଏ ଦରକାର... ମୁଁ ବହୁତ୍ ଖୋଜିଛୁ ମୋ ମନ ଓ ରୁଚିକୁ ପାଇଲାପରି ପୁରୁଷଟିଏ... କାଂକୁ ପାଇନ ! !

: ମଣିଷ ଯାହାଖୁଜେଁ ତାହା ପାଏନା ଆଉ ଯାହା ପାଏ ତାହା ଖୁଜେଁନା' ଅପଣ'ଏକଥା ବେଶ୍ ଭଲରେ ଜାଣଂତ ମିସେସ୍-ଚୌଧୁରୀ !

: ଶୁଣନ୍ତୁ... ମୁଁ କାଂକୁ ପାଇଛୁ...ଆଜ । ଧନ୍ୟବାଦ ଧରି ଆପଣଂକୁ ବହୁତ୍ ଖୋଜିଛୁ ଓ ଆଜ ପାଇଛ ।

: ମାନେ ଅପଣ କ'ଣ ମିଃ ଚୌଧୁରୀଙ୍କୁ ଡାଇଭର୍ସ କରିଦେବେ ନା କ'ଣ ?

: ନା । ତାଂକ ସହିତ ମୁଁ ଆପଣଂକୁ ଯୋଡ଼ ଦେବ

: ମାନେ ?

: ତାଂକ ହାତରେ ଅଜସ୍ର କେଶ୍ ପଡ଼ୁଛୁ । ଦଶଦଶଟା ଜୁନ୍‌ଏର୍... ସେଇ ଦଶ ଭିତରେ ତୁମେ ମିଶି ତୁମେ ସମସ୍ତେ ଏଗାର ହେବ । ଅବଶ୍ୟ ତୁମେ ତୁମ ବସ୍‌ଂକ ଫ୍ରିଷ୍ଟ ଜୁନ୍‌ଏର୍ ହିସାବରେ ପ୍ରଥମ ନଂବ୍ର ଅଧିକାର କରିବ

Digitized by srujanika@gmail.com

ତା' ନିଜ ଅଜାଣତରେ ଯେ କେତେବେଳେ ମୋତେ ଆପଣାରୁ ତୁମେ ସଂବୋଧନ କରି ସାରିଥିଲେ ସେ କଥା ଚିନ୍ତା କରିବାକୁ ମୋ'ରେ ବେଳ ନଥିଲା କିନ୍ତୁ ମୁଁ ମୋ ଦୁଇ ହାତରେ ସ୍ୱର୍ଗଟା କେମିତି ଖସି ପଡ଼ିଲା ସେ କଥା ଚିନ୍ତା କରି ମୁଁ ଉତ୍ଫୁଲ୍ଲ ହୋଇ ଉଠିଥିଲି । ସେ ମୋତେ ତା ନାରଂଗୀ ରଂଗର 'ମାରୁତି' ରେ ଉଠାଇ ନେଲା ତାଂକର ମେଳ ଫନତାଲ କୋଠା ଭିତରକୁ ।

କୁମାରୀ ସୋନା ମୁଖାର୍ଜୀ ଓରଫ୍ ମିସେସ୍ ସୋନାଲି ଚୌଧୁରୀର ପରାମର୍ଶ ଓ ନିବେଦନ କ୍ରମେ ମୁଁ ହେଲି ପ୍ରଖ୍ୟାତନାମା ଆଇନ ବ୍ୟବସାୟୀ ଚନ୍ଦ୍ରମୋହନ ଚୌଧୁରୀଂକ ଜୁନିଅର ଏଡ୍‌ଭୋକେଟ୍ ଚନ୍ଦ୍ରଧ୍ୱଜ ମହାଂତି ।

: ତା'ପରେ ? ମୁଁ ପଚାରିଲି ।

: ମୋର ପରିଚିତ ପର୍ବଟା ଅବଶ୍ୟ ଟିକେ ଦୀର୍ଘ ହୋଇ ପଡ଼ିଲା ମାତ୍ର ମୋର ଅନ୍ନଦାତା ଓ ତାଙ୍କୀଂକ ବିଷୟ ମୁଁ ଗୁଣଗାନ୍ କରି-ପାରିଛି, ବିଶେଷ କରି ଆପଣଂକ ପରି ଏକ ମହାନ ଶକ୍ତିଶାଳୀ ତରୁଣ ଲେଖକଂକ ପାଖରେ ଯେଥିପାଇଁ ମୁଁ ଗର୍ବ ଓ ଗୌରବ ଅନୁଭବ କରୁଛି ।

: ପରିଚିତ ପର୍ବ...ଗୁଣଗାନ ମଧ୍ୟରେ ତ ଆପଣ ଅନେକ ସମୟ ଖର୍ଚ୍ଚ କଲେଣି : ବର୍ତ୍ତମାନ୍ ଆପଣ ଆରଂଭ କରଂନ୍ତୁ ଅଭିଯୋଗ ପର୍ବ !!

: ଆରେ, ହଁ ତ ମୁଁ ସେ ସବୁ କଥା ଭୁଲି ଯାଇଥିଲି । ଦେଖଂନ୍ତୁ··· ପ୍ରଥମରେ ଆପଣଂକ ପ୍ରତି ମୋର ଆଜି କୌଣସି କ୍ଷୋଧ, ଅଭିମାନ କିଂବା ବିରକ୍ତି ନାହିଁ କିନ୍ତୁ ଆପଣ କେଉଁ କାରଣ ନେଇ ମିଃ ଚଂଦ୍ରମୋହନଂକୁ ଏକ···

: ମାନେ ? ପଚାରିଲି ।

: ଅବଶ୍ୟ ମିଃ ଚଂଦ୍ରମୋହନ ବେଶ୍ୟାସକ୍ତ...ମଦ୍ୟପ ହୋଇପାରଂନ୍ତି ମାତ୍ର ସେ କଦାଚନ୍ ଆଇନ ବ୍ୟବସାୟରେ କଳାବଜାର କରଂନ୍ତି ନାହିଁ···ଆପଣ ଜାଣଂନ୍ତି ସେ ଅନେକ ଦେଶୀ-ବିଦେଶୀ ଅନୁ-ଷ୍ଠାନର ସଭାପତି, ସଂପାଦକ, ନିର୍ଦ୍ଦେଶକ ଇତ୍ୟାଦି ଇତ୍ୟାଦି ଭୂମିକାରେ ଅନେକ ଜନସେବା କାର୍ଯ୍ୟରେ ନିଜର ମୂଲ୍ୟବାନ ସମୟକୁ ଖର୍ଚ୍ଚ କରଂନ୍ତି !

Digitized by srujanika@gmail.com

: ହଁ...ତା'ପରେ ?

: କିନ୍ତୁ, ଆପଣ ମିଃ ଚନ୍ଦ୍ରମୋହନଙ୍କ ବିରୁଦ୍ଧରେ ଏତେ ସବୁ ଜଘନ୍ୟ କାହାଣୀ ଲେଖି ତାଙ୍କୁ ବିବ୍ରତ ଓ ଉତ୍ପୀଡ଼ିତ କଲେ କାହିଁକି ?

: କ'ଣ କହିଲେ ? ମୋ ରଚନାମାନ ପଢ଼ି ମିଃ ଚନ୍ଦ୍ରମୋହନଙ୍କ ପରି ଜବରଦସ୍ତ ଆଇନଜୀବୀ ଉତ୍ପୀଡ଼ିତ ଓ ଆତଙ୍କିତ ହୋଇ ପଡ଼ିଲେ ?

: ୟେସ୍, ତାଙ୍କ ପଛରେ ସି. ବି. ଆଇ.'ଲାଗିଛି !

: ସତରେ ?

: ୟେସ୍, ଯା' ଫଳରେ ମିଃ ଚନ୍ଦ୍ରମୋହନ ଅନେକ ଅନୁଷ୍ଠାନରୁ ଇସ୍ତଫା ଦେଲେ...ମନସ୍ତାପ ମଧ୍ୟରେ, ଏପରିକି ଆଇନ ବ୍ୟବସାୟରେ ମଧ୍ୟ ସେ ମନ ଦେଲେ ନାହିଁ...ଯା' ଫଳରେ ଆମ ଭଳି ଜୁନିଅରମାନଙ୍କ ଅବସ୍ଥା ଯାହାହେବା କଥା ଆପଣ ଜାଣନ୍ତି !

: ମୁଁ ସେଥିପାଇଁ ଦୁଃଖିତ...କିନ୍ତୁ ମିଃ ମହାନ୍ତି ! ମୋ ଲାଗି ଯେ ଆପଣଙ୍କ ବସ୍‌ଙ୍କ ଏତେ ସବୁ ଦୁର୍ଭୋଗ ଘଟିଲା ସେମିତି କିଛିଟା ପ୍ରମାଣ ଆପଣମାନଙ୍କ ନିକଟରେ ଅଛି ?

ଅବଶ୍ୟ ସେମିତି କିଛି ସନ୍ଦେହ ଓ ଆଶଙ୍କା ଆମର ନାହିଁ ମାତ୍ର ଆପଣ ଯେ ଆମ ବସ୍‌ଙ୍କ ବିରୁଦ୍ଧରେ ଅନେକ ଜଘନ୍ୟ କାହାଣୀ ଲେଖିଛନ୍ତି...ଯାହାସବୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଲାପରେ ଅନେକ ଭଦ୍ରଲୋକ ଆମ ବସ୍‌ଙ୍କୁ ଆପଣଙ୍କ ବିରୁଦ୍ଧରେ...

: ଆପଣ ଓ ଆପଣଙ୍କ ବସ୍ କାହିଁକି ଭାବୁଛନ୍ତି ଯେ ମୁଁ ସେସବୁ ଉଦ୍ଦେଶ୍ୟ କରି, ଆକ୍ଷେପ କରି ଲେଖିଛି !

: ଆପଣ ସତ୍ୟବାଦୀ...ଏ ବିଶ୍ୱାସ ମୋର ରହିଛି ।

: ତେବେ, ବର୍ତ୍ତମାନ କ'ଣ କରିବା ?

: ଆପଣ ଆମ ବସ୍‌ଙ୍କ ବିରୁଦ୍ଧରେ ଯାହା କିଛି ଲେଖିଛନ୍ତି... ତା'ର ପ୍ରମାଣ ଅନ୍ତତଃ...

Digitized by srujanika@gmail.com

ମୁଁ ହସିଲି ଓ ରୁମାଲ୍‌ରେ ଚଷମାର କାଚ ଦୁଇଟିକୁ ପୋଛି ସାରିଲା ପରେ କହିଲି : ମିଃ ମହାଂତି ! ଏଇ ଚଷମା ନିଅଂତୁ ଓ ଅନ୍ୟମାନଂକ ପରି ଆପଣ ପୃଥିବୀ ପୃଷ୍ଠକୁ ଦୃଷ୍ଟି ପୋପାଡ଼ଂତୁ ।

ସେ ଖପ୍‌କିନା ମୋ ହାତରୁ ଚଷମାଟିକୁ ଝିପି ନେଲେ ଓ ପିଂଧି ସାରିଲା ପରେ କହିଲେ : ବାଃ...ଆପଣ ଏ ଚଷମାଟିକୁ କେଉଁଠୁ ସଂଗ୍ରହ କରିଥିଲେ ? ଏ ଚଷମାର ବାଃ କି ଉଚ୍ଚଶକ୍ତି ସଂପନ୍ନ ଶକ୍ତି ଅଛି...

ମୁଁ ହସିବା ବଦଳରେ ଗଂଭୀର ହୋଇ କହିଲି : ହଁ, ଉଚ୍ଚଶକ୍ତି ସଂପନ୍ନ ଶକ୍ତି...ପୃଥିବୀ ପୃଷ୍ଠରେ କ'ଣ ଦେଖୁଛଂତି ?

: ଦେଖୁଛି, ସେଇ ବରଷବର୍ଷୀ ଧରଣୀ !

: ଆଉ ?

: ଏକ ବିରାଟ କ୍ଲବ ।

: ଆଚ୍ଛା...ଆଚ୍ଛା...ଆଉ କ'ଣ ଦେଖୁଛଂତି ?

: ସମାଜର ଅନେକ ସଂଭ୍ରାଂତ, ପ୍ରତିଷ୍ଠିତ ଧନାଢ୍ୟ ଦଂପତି... ଯୁବକ ଯୁବତୀ ସୁରାପାନ, ନାଚ ଗୀତ...ମଉଜ୍ ମଜଲିସ୍‌ରେ ବିଭୋର...

: ତା'ପରେ ?

: ଜଣେ ପର୍ଯ୍ୟକାପୁ ବ୍ୟକ୍ତି କ୍ଲବର କାଚଦର୍ଜାକୁ ଠେଲି କ୍ଲବ ଭିତରେ ପ୍ରବେଶ କଲାପରେ କେତେକ ଟପ୍‌ଲେସ୍...ସୁଂଦରୀ ତରୁଣୀ ତାଂକୁ ଘେରିଯାଇ ପାଛୋଟି ନେଉଛଂତି କ୍ଲବର ଏକ ଉଚ୍ଚ ସ୍ଥାନକୁ ଅର୍ଥାତ୍ ମଂଚ ଉପରକୁ...

ଅ.ଉ ?

: ଆଗଂତୁକ ଅର୍ଥାତ୍ ପର୍ଯ୍ୟକାପୁ ଗୌରବର୍ଣ୍ଣ ପ୍ରୌଢ଼ ଆରଂଭ କରୁଛଂତି : ଲେଡ଼ିଜ୍ ଆଂଡ୍ ଜେଂଟଲ୍ ମ୍ୟାନ୍...

: ସେ ଆଉ କ'ଣ କହୁଛଂତି ?

ଆଉ କିଛି ଶୁଭୁନି କାଂରୁ କ୍ଲବ ଭିତରେ ହୋ'ହଲ୍ଲା ଚାଲିଛି... ଅନେକ ବୃଦ୍ଧ ଯୁବକ ତାଂକୁ ଘେରିଯାଇ ମଂଚ ଉପରୁ ଟାଣିଆଣି ଧସ୍ତାଧସ୍ତି କରୁଛଂତି !

Digitized by srujanika@gmail.com

ଛଟେଣ । ଶେଷଦଂଶରେ ମୀଣୁ

: ଆରେ, ଅରେ ଆଗନ୍ତୁକ ର କ ଦୁର୍ଗ୍ୟ...

: ହା ଦୁର୍ଗ୍ୟ ଦୁର୍ଦ୍ଦୈବ— ସେ ପ୍ରିଡେଣ୍ଟ ହସି କହୁଛନ୍ତି : ବନ୍ଧୁଗଣ ! ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ... ମୁଁ ଆପଣମାନଙ୍କ ନିର୍ଦ୍ଦେଶକ୍ରମେ ଏଇ ବର୍ତ୍ତମାନ୍ ଆମର ଏଇ ଟାଇଗର୍ସ-କ୍ଲବର ସଭାପତି ପଦରୁ ଇସ୍ତଫା ଦେଇ ଦେଉଛି...

: ଆଜ୍ଞା କ'ଣ ଦେଖୁଛନ୍ତି ଓ ଶୁଣୁଛନ୍ତି !

: ସେଇ ଗୌରବର୍ଣ୍ଣ, ଦୀର୍ଘକାୟ ଆଗନ୍ତୁକ ଅର୍ଥାତ୍ ଟାଇଗର୍ସ-କ୍ଲବର (ବାଘ ଆଖଡ଼ା କୁହାଯାଉ) ସଭାପତି କହୁଛନ୍ତି— ଏତକ ମାତ୍ର ଦାବୀ ପାଇଁ ଆପଣମାନେ ଏତେ ନାଟକ ସୃଷ୍ଟି କରିବାର କ'ଣ ଥିଲା ! ମୁଁ ସେ କ୍ଲବର ଗ୍ରାଣ୍ଟ ଓ ସଭ୍ୟଚାନ୍ଦାକୁ ଆତ୍ମସାତ କରିଦେଇଛି ସେଥିପାଇଁ ଏତେ ସବୁ ଅପଦସ୍ତର କରିବାର କି ଆବଶ୍ୟକ ଥିଲା ?

: ତା' ପରେ ?' ମୁଁ ପଚାରିଲି ।

ସେ କହିଲେ : ବାଘ ଆଖଡ଼ାର ସଭାପତି ମହୋଦୟ ଇସ୍ତଫା ଦେଇ ସାଙ୍ଗେସାଙ୍ଗେ ଲଜ୍ୟା ଓ ଅପମାନରେ କ୍ଲବ ବାହାରକୁ ଆସିଲେ-ବେଳକୁ ଗେଟ୍ ସାମ୍ନାରେ ଆଉ ଦଳେ !

: ଆଉ ଦଳେ ଅର୍ଥାତ୍ ?

: ଗୁଡ଼ାଏ ସବହବ... ଗାଉଁଲି ଲୋକ !

: ସବହବ ଗାଉଁଲିଲୋକ ମାନେ ?

: ୟେସ୍, ପ୍ରାୟ ପଚିଶି ତିରିଶିଜଣ ମଳମୁଣ୍ଡିଆ ବାଘଆଖଡ଼ା ଅର୍ଥାତ୍ ଟାଇଗର୍ସ କ୍ଲବର ସଭାପତିଙ୍କ ଧଳାରଙ୍ଗର ପ୍ଲାଏମାଉଥକୁ ଘେରିଯାଇ କହୁଛନ୍ତି : ହେଲୋ ବାବୁ ! ଆମେ ତୁମକୁ ଦୁ' ଦିନ ହେଲା ଖୋଜୁଛୁ ଅଥଚ ତମର ପତ୍ତା ପାଉନୁ...

: ହଁ... କୁହନ୍ତୁ 'ମୁଁ କହିଲି ।

: ସେଇ ଗାଉଁଲି ଲୋକମାନଙ୍କୁ ଚିହ୍ନି ନପାରି ସେ କହୁଛନ୍ତି--ତମେ ସବୁ କିଏ ? ମୋତେ ଦୁ' ଦିନ ହେଲା କାହିଁକି ଖୋଜୁଛ ? ସେଇ ଗାଉଁଲି ଲୋକମାନେ କହୁଛନ୍ତି : ଆମକୁ ଚିହ୍ନି ପାରୁନା ବାବୁ ! ଆମ ନାତିଆ, ନାତିଆ ମ ସିଏ ମର୍ଡ଼ର କେଶ୍‌ରେ ପଡ଼ିଥିଲା ଆଉ

Digitized by srujanika@gmail.com

ଆପଣ ତା’ ତରଫରୁ ଲଢ଼ୁଥିଲେ... । ସେ କହୁଛନ୍ତି : ହଁ, କ’ଣ ହେଲା ? ସେ’ତ ବର୍ତ୍ତମାନ୍ ଜେଲ୍‌ରେ ଆଉ ଦୁଇମାସ ଗଲେ ଫାଶି ପାଇବ... । ମୋମାନେ ସମସ୍ୱରରେ ଚିତ୍କାର କରୁଛନ୍ତି : ଫାଶି...ଫାଶି !!

ମୁଁ କହିଲି : ହଁ, କୁହନ୍ତୁ ମିଃ ମହାନ୍ତି, ତା’ପରେ କ’ଣ ହେଲା ?

: ସେଇ ଗାଉଁଲି ଲୋକମାନଙ୍କ ଭିତରୁ ଜଣେ କ୍ଷୀଣକାୟ ଯୁବକ ଆଗକୁ ମାଡ଼ିଆସି କହିଲା : ବାବୁ ! ଜଜ୍ ସାହେବଙ୍କୁ ଓ ସରକାରୀ ଓକିଲଙ୍କୁ ପାଂଚହଜାର ଟଂକା ଦେଇ ସଂନ୍ତୁଷ୍ଟ କରିପାରିଲେ ମୋ ବାପା ମୋକଦ୍ଦମା ଓ ଜେଲ୍‌ରୁ ମୁକ୍ତିପାଇଯିବ ବୋଲି ଆଶ୍ୱାସନାଦେଲେ... ସେଥିପାଇଁ ଆମେ ଘରବାଡ଼ି ହଳ-ବଳଦ ମହାଜନଠୁ ବନ୍ଧକରଖି ସର୍ବସ୍ୱାଂତ ହେଲୁ ଓ ସେ ଟଂକା ଆଣି ଆପଣଂକୁ ଦେଲୁ ମୋ ବାପାକୁ ମୁକ୍ତ ଦେବାକୁ ଅଥଚ ମୋ ବାପା... ଆଜି...

: ହୁଁ, ତା’ପରେ ? ମୁଁ ପଚାରିଲି’

: ଯୁବକଟି କୋଧାନ୍ୱିତ ଯଦିଓ ତଥାପି ଭେଁ ଭେଁ କାଂଦୁଛି ଆଉ ଧଳାରଂଗର ପ୍ଲାଏମାଉଥ୍ ସେମାନଙ୍କ କୌଣସି ବାଧା କିଂବା ଜିଜ୍ଞାସାକୁ ଖାତିର୍ ନକରି ଆଗକୁ ମାଡ଼ି ଚାଲିଛି...

ମୁଁ ଟିକେ୍ ଜୋର୍‌ରେ ହସିଲି ଓ ପଚାରିଲି : ମିଃ ମହାଂତି ! ଆଉ କ’ଣ ଦେଖୁଛଂନ୍ତି ଓ ଶୁଣୁଛଂନ୍ତି ?

ସେ ଗଂଭୀର ହୋଇ କହିଲେ : ପ୍ଲାଏମାଉଥ ଗାଡ଼ିଟି ଅନେକ ଦୂରକୁ ଚାଲିଗଲାଣି ଓ ସେଇ ଗ୍ରାମବାସୀ ମାନେ ମୁଂଣ୍ଡରେ ହାତ-ମାରି ବସିଛଂନ୍ତି ..

: ଆଚ୍ଛା, ମିଃ ମହାଂତି ! ସେଇ ଭଦ୍ରଲୋକଟି କିଏ ଜାଣଂନ୍ତି କି ?

: ଜାଣେ ... ସେ ଧୀରକଂଠରେ କହିଲେ ।

: କିଏ ? ପଚାରିଲି ।

: ମୋ ବସ୍ ... ଅର୍ଥାତ୍...

ମୁଁ କହିଲି : ଆପଣ ନିଜ ସ୍ଥାନକୁ ବର୍ତ୍ତମାନ୍ ଚାଲିଯାଇ ପାରନ୍ତି... ସମସ୍ତଂକ ଅପେକ୍ଷା ଆପଣଂକ ପାଇଁ ମୋତେ ବହୁତ୍ ସମୟ ନଷ୍ଟ କରିବାକୁ ପଡ଼ିଲା ।

Digitized by srujanika@gmail.com

ଅଠତିରିଶ ।। ଶେଷବଂଶର ଯୀଶୁ

ସେ ଲଜ୍ୟା ଓ ଅପମାନରେ ଗମ୍ଭୀର ହେବା ବଦଳରେ ସ୍ମିତହସ ହସି ଚାଲିଗଲା 'ଯେହେତୁ ସେ ଯେତେ ହେଲେ କଳାକୋର୍ଟ୍‌ବାଲା ଆଇନ୍‌ଜୀବୀ ଯିଏ 'ନ' କୁ 'ଉଣେଇଶ୍' କରିପାରେ; ପୁଣି 'ଉଣେଇଶ୍' କୁ 'ଏକାନବେ' ବୋଲି ଯୁକ୍ତି କରିପାରେ...

: ଆପଣଙ୍କ ନାମ ?

: ଡ଼ଃ ନିଖିଳାନନ୍ଦ...

: ଡ଼ଃ ନିଖିଳାନନ୍ଦ ? ଦାସ୍, ମିଶ୍ର, ମହାପାତ୍ର, ନାୟକ... ନା

: ଆଜ୍ଞା ମୋ ନାଁ ଡ଼ଃ ନିଖିଳାନନ୍ଦ ମୁଣ୍ଡ୍

: ଆପଣ ଡ଼ାକ୍ତରୀ ଛାତ୍ର ନା ଡ଼ାକ୍ତର ?

: ହାଉସ୍ ସର୍ଜନ !

: ଅଚ୍ଛା, ମୁଣ୍ଡ ବାବୁ, ଆପଣଙ୍କ ଅଭିଯୋଗ ?

: ସେମିତି କିଛି ଗୁରୁତର ଅଭିଯୋଗ ମୋର ନାହିଁ କିନ୍ତୁ ମୋର ଦୁଃଖ ଏତିକି ଯେ ଆପଣ ଆମ ପ୍ରିନ୍‌ସିପାଲ ଡଃ. ମିଶ୍ରଙ୍କ ପରି ଏକ ଉଦାର... ହୃଦୟବାନ ଜନସେବୀଙ୍କୁ ଆକ୍ଷେପ କରି ଆପଣଙ୍କ ଅନେକ କାହାଣୀ ମାଧ୍ୟମରେ ପ୍ରମାଣ-ବିହୀନ ତଥ୍ୟର ସଂହାର ଚଳେଇଛନ୍ତି କାହିଁକି ?

ମୁଁ, ଡ଼ଃ ନିଖିଳାନନ୍ଦ ମୁଣ୍ଡ଼ଙ୍କ ଅଭିଯୋଗ ଶୁଣିଲାପରେ କିଛି ସମୟ ମୌନବ୍ରତ ପାଳନ କଲି ଓ ପରେ ପଚାରିଲି : ମୁଣ୍ଡ୍ ବାବୁ, ଆପଣ 'କାହାଣୀ ଓ ତଥ୍ୟ' ମଧ୍ୟରେ ସମ୍ପର୍କ ଓ ସାମଞ୍ଜସ୍ୟ ଏମିତି କିଛି ଜାଣନ୍ତି କି ?

ସେ ମିଛ ହସ ହସି କହିଲେ : ଆଜ୍ଞା, ଆମେ ହେଲୁ ଡାକ୍ତରୀବାଲା ଅର୍ଥାତ୍ ବିଜ୍ଞାନର ଜନ୍ତୁ...କଳା ଓ ସାହିତ୍ୟ ସହ ସାଇନ୍‌ସର ସମ୍ପର୍କ ଦେଢ଼ଶୁର ଭାଇବୋହୂ ପରି...

: ଏ ବିଜ୍ଞାନ ଯୁଗରେ ପୁଣି ଭାଇବୋହୂ ଓ ଦେଢ଼ଶୁର ସମ୍ପର୍କକୁ ତର୍ଜମା କରୁଛନ୍ତି ?

: ଶୁଣନ୍ତୁ, ଆପଣ କବେଲେକ...ଗୋଟାଏ ଶବ୍ଦର ପାଞ୍ଚ ପାଞ୍ଚଟା ଅର୍ଥ ବାହାର କରିବାରେ ଆପଣ ସିଦ୍ଧ...କିନ୍ତୁ ମୋର ଅଭିଯୋଗର କୈଫିୟତ ଦିଅନ୍ତୁ !

Digitized by srujanika@gmail.com

: ହଁ, ମୁଁ ବି ଚାହେଁ — ଜଲ୍‌ଦି ଆମର ଯୁକ୍ତିତର୍କର ସମାପ୍ତି ହେଉ !

ପୂର୍ବୋକ୍ତ ପାଂଚ ଜଣଂକ ପରି ସେ ମଧ୍ୟ ମୋ ହାତରୁ ଚଷମାଟିକୁ ନେଲା ପରେ, ମୁଁ କହିଲି : ମିଃ ମୁଂରୁ ! ଆପଣଂକ ପୂର୍ବ ଅଭିଯୋଗକାରୀମାନଂକ ପରି ଆପଣ ବି ଦୟାକରି ଚଷମାଟି ପିନ୍ଧଂନ୍ତୁ ଓ ଆପଣଂକ ବିଜ୍ଞାନର ପୃଥିବୀକୁ ନିରୀକ୍ଷଣ କରଂନ୍ତୁ...

ସେ ଚଷମାଟି ନେଇ ପିଂଧି ସାରିଲା ପରେ ପୃଥିବୀ ବକ୍ଷକୁ ନିଜ ଦୃଷ୍ଟି ଫୋପାଡ଼ିଲେ ଓ କହିଲେ : କାହିଁ, କିଛି ଦିଶୁନାହିଁତ...

ମୁଁ ବିରକ୍ତିର ସହ ପଚାରିଲି କ'ଣ ହେଲା ? କିଛି ବି ଦେଖିପାରୁନାହାଂନ୍ତି... ଆପଣଂକର ଦୃଷ୍ଟିକିନ୍ତୁ ଅଛି ନା ସ୍ଥା' ଭିତରେ ଆଜି କିଛି ନିଶାଗ୍ରସ୍ତ ଔଷଧ ସେବନ କରିଛଂନ୍ତି ?

ସେ ହସିଲେ : ଆପଣ ଠିକ୍ ଧରିଛଂନ୍ତି, ଏଇ ତିନି ମିନଟ୍ ତଳେ ଷ୍ଟେସନ ବୋର ଫିଲ୍ କରିବାରୁ ଏଇ ଗୋଟିଏ ମାତ୍ର ମାରିଜୁଆନାର ସିଗାରେଟ୍‌ଟିଏ ଟାଣି ଦେଇଛି...

କ୍ରୋଧ ସଂବରଣ କରିନପାରି କହିଲି : ବାଃ ଆପଣ ବେଶ୍ ଭଲ ରୋଗୀସେବା କରୁଥିବେ... ସୁସ୍ଥରୋଗୀ ବି ଆପଣଂକ ହାତରୁ ଯମ ହାତକୁ ଯିବାକୁ ବୋଧେ ଦଶସେକେଂଣ୍ଡ୍ ଲାଗି ନପାରେ !

ସେ କହିଲେ : ମୁଁ କ'ଣ ଜାଣିଥିଲି ଆଡ୍‌ଭୋକେଟ୍ ମିଃ ଚଂଦ୍ରଧ୍ୱଜ-ମହାଂନ୍ତି ଏତେ ଜଲ୍‌ଦି ଆପଣଂକ ସହ ଯୁକ୍ତିତର୍କ ସାରିଦେବେ ଓ ଏତେ ଜଲ୍‌ଦି ମୋ ପାଳି ପଡ଼ିବ ?

: କ'ଣ ଜାଣିନାହାଂନ୍ତି ଆପଣ ଯେ ଲାଷ୍ଟ୍ ପର୍‌ସନ !

: କ୍ଷମା କରିବେ, ମୁଁ ସେଥିପାଇଁ ଦୁଃଖିତ ଓ ଲଜ୍ଜିତ ! କିଂନ୍ତୁ କ'ଣ କରିବି ମୁଁ ଯେ କିଛି ଦେଖିପାରୁନି ମାତ୍ର ଶୁଣିପାରୁଛି ପୃଥିବୀପୃଷ୍ଠରୁ ମଣିଷ ପଶୁପକ୍ଷୀଂକ କଥାବାର୍ତ୍ତା... ଚଳଂତା ଗାଡ଼ି ମଟର ଟ୍ରେନ୍‌ର ହେଁ, ଧ୍ୱନି... ପ୍ରତିଧ୍ୱନି !

ମୁଁ କହିଲି : ତେବେ, ଆପଣ ଗୋଟିଏ କାମ କରଂନ୍ତୁ

: ଆଦେଶ ଦିଅଂନ୍ତୁ !

: ଅବଶ୍ୟ ମୋର ଏ ଆଦେଶ ଆପଣଂକ ପରି ଶିକ୍ଷିତ, ଡ଼ାକ୍ତରଂକ ପକ୍ଷେ ଅପମାନ ଜନକ ହୋଇପାରେ...

Digitized by srujanika@gmail.com

: ତଥାପି ଆବେଦନ କରୁଛୁ...

: ତେବେ, ଆପଣ ସେପଟେଇ ପଡ଼ ଏଇ ଚଟାଣରେ ଆପଣଂକ ନାକକୁ ଦଶଥର ଘୋଷନ୍ତୁ...

: ନାକର ଚମଡ଼ା ଛୁଡ଼ିଯିବ ଯେ...

: ଅବଶ୍ୟ ନାସିକାର ଚର୍ମ ଓ ଚଟାଣର ଘର୍ଷଣଜନିତ ଯଂତ୍ରଣା ଆପଣଂକ ପକ୍ଷେ ବେଦନାଦାୟକ ହୋଇପାରେ କିଂନ୍ତୁ ଆପଣ ନିଶାରୁ କିଂଚିତ୍ ମୁକ୍ତି ପାଇଯିବେ ଯେ... ନଚେତ୍...

ମୋ ନିର୍ଦ୍ଦେଶ ହେଉ ବା ପରାମର୍ଶ ତାଂକ ପକ୍ଷେ ଲଜ୍ୟା ଜନକ ହେଲେ ବି ସେ ତାଂକ କର୍ତ୍ତବ୍ୟ ସଂପାଦନା କଲା ପରେ ଚିତ୍କାର କଲେ : ଦିଶୁଚି, ହେଇ ମୋର ସେଇ ପ୍ରିୟ ପୃଥିବୀ କେଡ଼େ ସୁଂଦର ଦିଶୁଚି...ଗୁଂଥା ମଲ୍ଲୀଫୁଲ ପରି ଜଳଂତା ବିଜୁଳିବତ୍ତି ଖୁଂଟମାନଂକ ଆଲୋକର ପ୍ରଦର୍ଶନୀ...ବାଃ, ବାଃ...ଆପଣ ଏ ଚଷମାଟିକୁ କେଉଁଠୁ କିଣିଥିଲେ ?

: ନର୍ଜ୍ଜୁ...ପରେ ସେ 'କଥା ପରୁରବେ, ଦୟାକରି କହି ପାରିବେକି ଆପଣ ବର୍ତ୍ତମାନ ପୃଥିବୀ ପୃଷ୍ଠରୁ କ'ଣ ଦେଖୁଛଂନ୍ତି ?

: ଆମ ମେଡ଼ିକାଲ୍ କ୍ୟାଂପସ୍ଟି ଛଡ଼ା ମୁଁ ବିଶେଷ କିଛି ଦେଖୁନି । ସେ ଟୋକ୍‌ଟୋକ୍ ଜବାବ୍ ଦେଲା !

: ଆଉ କ'ଣ ଦେଖୁଛଂନ୍ତି ?

: ଦେଖୁଛି, ଆମର ସେଇ ଜେନେରାଲ୍ ଅପରେସନ୍ ଥିଏଟର୍ .

: ଆଉ କ'ଣ ?

: ଅପରେସନ୍ ଥିଏଟର୍ ବାରଂଡାରେ ଜଣେ ବୃଦ୍ଧ, ଜଣେ ଯୁବକ ଓ ଏକ ନବବିବାହିତ ତରୁଣୀ ବିଷାଦ ଏବଂ ଜିଜ୍ଞାସାର ଦୃଷ୍ଟି ନେଇ କାହାକୁ ସେପରି ଅପେକ୍ଷା କରିଛଂନ୍ତି ?

: ଆଉ ଅପରେସନ୍ ଥିଏଟର୍ ଭିତରେ ?

: ଦୁଇଜଣ ନର୍ସ ଓ ଜଣେ ବୟସ୍କ ଡାକ୍ତର !

: ହିଁ, ବର୍ଣ୍ଣନା କରିବା ହଉଛୁ...

Digitized by srujanika@gmail.com

ସ୍ନେହ, ବର୍ଣ୍ଣନା ଆରଂଭ କଲେ : ଅପରେସନ୍ ଥିଏଟରର ଏକ ଲଂବା ଟେବୁଲ୍ ଉପରେ ଏକ ଯୁବକର ଶାଂତ ଓ ଚୈତନ୍ୟହୀନ ଶରୀରଟିଏ ପଡ଼ିଛି ଓ ତା'ର କପାଳଟିର ଅପରେସନ୍ କାମ ସାରି ଡାକ୍ତର ଲେବୋଟାରୀ ଭିତରକୁ ପ୍ରବେଶ କରୁଛଂତି...

: ଆଉ କ'ଣ ଦେଖୁଛଂତି ମୁଂଡ ବାବୁ !

: ଅପରେସନ୍ ଥିଏଟର ବାରଂଡାରେ ପ୍ରତୀକ୍ଷାରତ ସେଇ ତରୁଣୀ, ବୃଦ୍ଧ ଓ ଯୁବକଂକ ଆଖିରେ ବିଷାଦର ଛାୟା ଦେଖି-ହୁଛି । ସେମାନେ ତଟସ୍ଥ । ବୃଦ୍ଧ ହୁଏତ ଭାବୁଛି ମୋ ପୁଅର ଅବସ୍ଥା କ'ଣ ? ଯୁବକଟି ଭାବୁଛି ମୋ ଭଣୋଇ ବଂଚିବ କି'ନା ? ଆଉ ନବବିବାହିତା ତରୁଣୀଟି ଆଖିରେ ବିଂଦୁ ବିଂଦୁ ଅଶ୍ରୁ ଓ ମନରେ ଦ୍ୱଂଦ ଓ ସଂଘର୍ଷ ତା' ହାତର ଶଂଖା ଓ କପାଳର ସିଂଦୁର ବିଂଦୁ ରହିବ ନା ହଜିଯିବ !

: ଆଉ ?

: ଆଉ କ'ଣ, ଡଃ ମହାଶୟ ତ ଲେବୋରାଟାରୀ ଭିତରେ ସେଇ ସୁଂଦରୀ ନର୍ସ ସହ ଚୁଂବନ ପର୍ବରେ ମତ୍ତ ।

: ଆଉ ? ସେମାନଂକୁ କ'ଣ ଚୁଂବନ ବିନିମୟ ପାଇଁ ଜାଗା ମିଳିଲାନି ?

: ନର୍ସ କହୁଚି, ସାର୍, ସେମାନଂକୁ ଜଲ୍ଦି ଆପଣଂକ ଦାବୀ ଶୁଣେଇ ଦିଅଂତୁ...ନଚେତ୍ ପେସେଂଟ୍ଟା ଶେଷ ହୋଇଯିବ ଯେ...

: ହଁ, ସ୍ନେହ, ତାପରେ କ'ଣ ଘଟିଲା ? ମୁଁ କହିଲି ।

ସେ କହିଲେ : ଡାକ୍ତର ବାହାରକୁ ଆସି ସେଇ ଯୁବକ ଓ ବୃଦ୍ଧଂକୁ ଉଦ୍ଦେଶ୍ୟ କରି କହୁଛଂତି — ଆଇ ଆମ୍ ଭେରୀ ସରି... ଆପଣଂକ ରୋଗୀର ରୋଗ ଏତେ ଭୟଂକର...ଗୋଟାଏ ଇଂଜେକ୍ସନ୍ ଆଣିବାକୁ ପଡ଼ିବ !

: ରୋଗୀର ଅଭିଭାବକ ମାନେ କ'ଣ କହୁଛଂତି ?

: ବୃଦ୍ଧ ଓ ଯୁବକ ସମସ୍ୱରରେ କହୁଛଂତି — ସାର୍, ଆପଣ ତ ଏ ପର୍ଯ୍ୟଂତ ତିନ ହଜାର ଟଂକା ନେଲେଣି...ଆମ ପାଖରେ ପଇସାଟିଏ ବି ନାହିଁ...ଆପଣ ଯଦି ସେ ଇଂଜେକ୍ସନ୍ଟି

Digitized by srujanika@gmail.com

ଆପଣଂକ ଷ୍ଟୋର୍‌ରୁ... । ଡାକ୍ତର କହୁଛଂନ୍ତି – ଯେ ଇଂଜେକ୍‌ସନ ଆମ ଷ୍ଟୋର୍‌ରେ ନାହିଁ—ଅପରେସନ୍ ପରେ ଅଧ ଘଂଟାଏ ବିତି ଗଲାଣି ଅଥଚ ରୋଗୀର ଯେ ସଂବିତ୍ ଫେରିପାଇବନି ଏକଥା... ମୋ ହାତରେ ଆଜ ସମସ୍ତ ନାହିଁ...ମୋର୍ ବିରାଟ୍ ଭୁଲ୍ ହୋଇଛି ତମର ଏଇ ରୋଗୀର ଦାୟିତ୍ୱ ହାତକୁ ନେଇ...

: ତା'ପରେ କଥା କ'ଣ ଘଟୁଛି ମୁଂଡ଼ବାବୁ !

: ସେଇ ତରୁଣୀଟି ପଚାରୁଛି – ସାର୍, କେତେ ଟଂକା ? ଡାକ୍ତର କହୁଛଂନ୍ତି – ଦେଢ଼ ହଜାର ! ବୃଦ୍ଧ ଯୁବକ ସ୍ତବ୍ଧ । ଏବଂ ତରୁଣୀଟି ତା' ଗଳାର ସୁନାର ହାର୍, ଦୁଇ ହାତର ଛ' ପଟ ସୁନା ଚୁଡ଼ି ବାହାର କରି ଡାକ୍ତରଂକ ହାତକୁ ବଢ଼ାଇ ଦେଉଛି ଓ ଅନୁନୟ କରି କହୁଛି – ସାର୍, ଏଇ ନିଅଂନ୍ତୁ ଓ ମୋ ସ୍ୱାମୀକୁ ବଂଚାଂନ୍ତୁ !

: ତା'ପରେ ?

: ଡାକ୍ତର ନୁହେଁ, ସେଇ ରୂପବତୀ...ସୁଂଦରୀ ନର୍ସ ତରୁଣୀଟି ତା ହାତରୁ ସୁନାର ଅଳଂକାର ତକ୍ ଶାଗୁଣା ପରି ଝାଂପି ନେଇ ଚାଲିଗଲା ପରେ ଅନ୍ୟ ନର୍ସଟି ଆସି ଖବର ଦେଉଛି : ସାର୍, ପେସେଂଟ ଅଲ୍‌ରେଡ଼ି ଗନ୍ ଟୁ...

: ମୁଂଡ ବାବୁ ! ଆଜ କ'ଣ ସବୁ ବିଚିତ୍ର ଦୃଶ୍ୟ ମାନ ଦେଖୁଛଂନ୍ତି ?

ମୁଂଡ଼ ଆଖିରେ ଅଶ୍ରୁର ଢେଉ ! ମୁଂଡ଼ ବାବୁ ମୁଂଡ଼ ତଳକୁ କରି କହିଲେ : ଆଉ କ'ଣ ଦେଖିବି ? ସେଇ ନବବିବାହିତା ତରୁଣୀ, ବୃଦ୍ଧ ଓ ଯୁବକ ନିଶ୍ଚେଷ୍ଟ ହୋଇ କାଂଦୁଛଂନ୍ତି ଓ ଡାକ୍ତର ଦର୍ଜା ବଂଦ କରି ଥିଏଟର୍ ଭିତରକୁ ପ୍ରବେଶ କରୁଛଂନ୍ତି...

: ଆଚ୍ଛା, ମୁଂଡ଼ ବାବୁ ! ସେଇ ଡାକ୍ତର ଓ ସେଇ ଦୁଇଟି ନର୍ସ କିଏ ?

ତଥାପି ମୁଂଡ଼ ନୀରବ ।

ମୁଁ ତାଂକ ହାତରୁ ଚଷମାଟିକୁ ଫେରାଇ ଆଣି ପୁଣି ପଚାରିଲି : ନୀରବ କାହିଁକି ମୁଂଡ଼ ବାବୁ !

Digitized by srujanika@gmail.com

ସେ କହିଲେ : ସେଇ ନର୍ତ୍ତକି ଯିଏ ତ୍ରିଶଣୀଟି ହାତରୁ ସୁନାର ଅଳଂକାର ଚକ ନେଇଥିଲା ମୁଁ ତାକୁ ପ୍ରେମ କରେ ଅର୍ଥାତ୍ ସେ ମୋର ପ୍ରିୟତମା ଆଜ୍ଞ ସେ ଡାକ୍ତର ଆମ...

: ହଁ...ହଁ କୁହନ୍ତୁ ! ସେ ଡାକ୍ତର କିଏ ?

: ଆମ ପ୍ରିଂସିପାଲ୍ !

: ମୁଁ କ'ଣ ଅବାଂଚର, ପ୍ରମାଣବିହୀନ କାହାଣୀ ଲେଖିଥିଲି ଓଃ ମୁଂଡ଼ ମହାରାଜ !

ସେ ଲଜ୍ଜା, କ୍ରୋଧ ଓ ପ୍ରତିଶୋଧର ନିଆଁରେ ଜଳୁଥିଲା ।

ମୁଁ ଏକ ଦୀର୍ଘଶ୍ୱାସ ମାତ୍ର ଛିଆଡେଲ । ଚଷମାଟିକୁ' ପିଂଧି ହାତ ଘଡ଼ିକୁ ଚାହିଁଲିଏ ତ ମୁଁ ଅବାକ୍ । ରାତ, ଯାଠେ ଧୁଇଟା ବାଜିଲଣି ।

ଗୁଡ଼ାଏ ଅନାବନା ଚିଂତା ଓ ଦୁଃଶ୍ଚିଂତାକୁ ମନରୁ ଦୂରକରି ସେମାନଂକ ନିକଟକୁ ଯାଇ ଦେଖେ ତ ସେମାନେ ସମସ୍ତେ କାଂଦୁଛନ୍ତି ଦୁଃଖ, ଲଜ୍ୟା ଅପମାନ ଓ କ୍ରୋଧରେ ।

ମୁଁ କହିଲି : ଗତସ୍ୟ ଶୋଚନ ନାସ୍ତିଃ । ଅତୀତର ସମସ୍ତ ଘନତମିସ୍ରାର ଦୁର୍ଗରୁ ନିଜକୁ ମୁକ୍ତକରି ଅନାଗତ ଭବିଷ୍ୟତର ଆଲୋକିତ ସମ୍ରାଜ୍ୟର ଅନୁସଂଧାନରେ ଆମକୁ ଆଗେଇ ଯିବାକୁ ପଡ଼ିବ !

ସେମାନେ ପୁଚ୍ଛିଲେ : ହେ ବଂଧୁ ! ଆମେ ପୃଥିବୀ ପୃଷ୍ଠରେ ଆପଣଂକ ପ୍ରତି ଯେଉଁ ଅବିଚାର, ଅତ୍ୟାଚାର କରିଛୁ ସେଥିପାଇଁ ଆମେ ଅନୁତପ୍ତ...ଆଂଭମାନଂକୁ କ୍ଷମା କରଂତୁ !

ମୁଁ ଅଟ୍ଟହାସ୍ୟ ଭରା କଣ୍ଠରେ କହିଲି : ତୁମେମାନେ ନିଜେ କ'ଣ କରୁଛ ନିଜେ ବି ଜାଣନାଇଁ...ମୁଁ ଏକ ସାଧାରଣ ମଣିଷ ମାତ୍ର ଦେବତା ନୁହଁ... ସେଇ ସକଳ ଶକ୍ତିର ଆଧାର ଉଦ୍ଦେଶ୍ୟରେ ପ୍ରାର୍ଥନା କର ସେ ତୁମମାନଂକୁ ଦୟା...କ୍ଷମା ଓ ଆଶିର୍ବାଦ କରିପାରଂତି !

ସେମାନେ ସମସ୍ୱରରେ କହିଲେ : ଧିକ୍ ଏ ଜୀବନ... ମଣିଷର ମନ ଭିତରେ ଏତେ ସବୁ ହିପୋକ୍ରିସି ଥାଇପାରେ ଏ ବିଶ୍ୱାସ ଆମର ନଥିଲା... କିଂତୁ ଆମେ କ'ଣ କରିବୁ ? ଆମକୁ ଏ ଲଜ୍ୟା ଅପମାନ ଓ ଯଂତ୍ରଣା ଭିତରୁ ରକ୍ଷାକର ପଥ ଦେଖାଂତୁ !

Digitized by srujanika@gmail.com

: ମୁଁ ପ୍ରଥମରୁ କହୁଛି— ମୁଁ ଦେବତା ନୁହେଁ ! ଏକ ସାଧାରଣ ମଣିଷ ମାତ୍ର… ମୁଁ କି ପଥ ଦେଖାଇବି ? କଣ କହୁଥାଏ ସେମାନେ: ତା ବିନୁ ଅନ୍ୟଗତି ନାହିଁ…

ସେମାନେ ସମସ୍ୱରରେ କହିଲେ : ମିଃ ରାଇଟର୍ ! ଆପଣ ଆମ ନିକଟରେ କନିଷ୍ଠତମ ହେଲେ ମଧ୍ୟ ଆପଣଙ୍କ ନିକଟରେ ଏତେ ଧୀଶକ୍ତି ଓ ଚତୁର ବୋଧ ଥାଇପାରେ, ସେ ବିଶ୍ୱାସ ଆମର ନଥିଲା : ବର୍ତ୍ତମାନ ଆମେ ହାତ ଯୋଡ଼ି ପ୍ରାର୍ଥନା କରୁଛୁ ଆପଣ ପଥ ଦେଖାଅନ୍ତୁ…

ଆମେ ସାତଜଣ ସେଇ ଜାହାଜର ଚଟାଣ ଉପରେ ଠିଆହୋଇ କଥାବାର୍ତ୍ତା କଲାବେଳେ ସେଇ ଅନିନ୍ଦ୍ୟ ସୁନ୍ଦରୀ ଦେବୀ (ଯିଏ ମୋତେ କୋଳାଗ୍ରତ କରି ପୃଥିବୀ ପୃଷ୍ଠରୁ ରକ୍ଷା କରିଥିଲା) ଏକ ବାରହାତ ଖଣ୍ଡା ସହ ଆମମାନଙ୍କ ନିକଟରେ ଠିଆହୋଇ ପଚାରିଲା : କ'ଣ ତୁମମାନଙ୍କ ଯୁକ୍ତିତର୍କ ସବୁ ସରିଲାତ ? ଏବଂ ମୋ ଉଦ୍ଦେଶ୍ୟରେ ଆଗେଇଆସି ମୋ ମୁଣ୍ଡର ଲମ୍ବାବାଳ-ମାନଙ୍କରେ ହସ୍ତ ସଞ୍ଚାଳନ କରୁ କରୁ ପୁଣି କହିଲା : ବର୍ତ୍ତମାନ ତୁମେମାନେ ପରସ୍ପରର ଅନ୍ତରଙ୍ଗ ବନ୍ଧୁ… ବର୍ତ୍ତମାନ ରାତପ୍ର ଆସିଲାଣି…ତୁମେମାନେ ପୃଥିବୀ ପୃଷ୍ଠକୁ ଫେରିଯାଇପାର…

ସେମାନେ ସେଇ ଅନିନ୍ଦ୍ୟ ସୁନ୍ଦରୀ ନାରୀ ଉଦ୍ଦେଶ୍ୟରେ ପ୍ରାର୍ଥନା ପୂର୍ବକ କହିଲେ : ହେ ଦେବୀ ! ଆମମାନଙ୍କ ଅତ୍ୟାଚାର ମୂଳକ କାର୍ଯ୍ୟକଳାପ ପାଇଁ ଆମେମାନେ ଅନୁତପ୍ତ ! ଯୁକ୍ତିତର୍କ ଯିବା ସରିଗଲା ଆମେ ବର୍ତ୍ତମାନ ରାଇଟର୍ ମହାଶୟଙ୍କ ନିକଟରୁ ପରାମର୍ଶ ପ୍ରତୀକ୍ଷାରେ ଅଛୁ !

: ପରାମର୍ଶ ? ଦେବୀ ପଚାରିଲା !

: ହଁ, ପରାମର୍ଶ…ବଞ୍ଚିବାର…ଲଜ୍ଜା ଓ ଅପମାନରୁ ରକ୍ଷା ପାଇବାର…

ମୁଁ କହିଲି : ଦେବୀଙ୍କ ନିକଟରୁ ଆପଣମାନେ ପରାମର୍ଶ ଓ ଉପଦେଶ ଗ୍ରହଣ କରିପାରନ୍ତି !

ଦେବୀଟି ହସିଲା ଓ କହିଲା : ତୁମମାନଙ୍କୁ କି ପରାମର୍ଶ ଦିଆଯାଇପାରେ ?

ସେଇ ଲାଲ୍ ପ୍ଲାକାର୍ଡ଼ବାଲା ହିପ୍ପୀରୂପୀ ଯୁବକଟି କହିଲା : ମୁଁ ଆମ ପାର୍ଟିର ଫୁଲ୍ ଟାଇମ୍ ଓ୍ୱାର୍କର । ମାସକୁ ଦେଢ଼ଶହ ଟଙ୍କା

Digitized by srujanika@gmail.com

ହାଏ ! ତଥାପି ମୁଁ ପାର୍ଟି ଛାଡ଼ି ଦେବାକୁ ପ୍ରସ୍ତୁତ ଯେହେତୁ ଯେଉଁ ପାର୍ଟିରେ 'ଜନତାର ମୁକ୍ତି' ପାଇଁ ସ୍ଲୋଗାନ୍ ଦେଇ ସେଇ ଜନତାକୁ ପ୍ରତାରଣା କରାଯାଇପାରେ...ସଂଗ୍ରାମୀ ଜନତାର ପଛପଟୁ ଛୁରିକାଘାତ କରାଯାଏ ସେ ପାର୍ଟି ପାଇଁ ମୁଁ ମୋର ଭବିଷ୍ୟତକୁ ଧ୍ୱଂସ କରିଦେବାକୁ ଚାହେଁନା ! କିଂତୁ !! ମୋ ଉପରେ ଯେ ଦଶ ଦଶଟା କ୍ରିମିନାଲ୍ କେଶ୍...ଯଦି ପାର୍ଟି ଛାଡ଼ିଦିଏ ତେବେ ମୋ ପାଇଁ ଲଢ଼ିବ କିଏ ? ମୁଁ ଜେଲ୍ ଗଲେ ମୋତେ ମୁକ୍ତି ଦେବ କିଏ ?

ନୀଳ ଫ୍ଲାକାର୍ଡ଼ବାଲା ସଚ୍ଚିଦାନଂଦ ଭେଭେ କାଂଦି ଉଠି କହିଲେ: ଓଃ ମାଇଁ ଗଡ୍ ! ଶଳା ଚଂଦ୍ରେଶ୍ୱର ଓ ଶାଳୀ କାମିନୀଟା ବର୍ତ୍ତମାନ ଫେସର୍ ଫୌଜ୍...ସଂସ୍ଥାର ସମସ୍ତ ଦାୟିତ୍ୱପୂର୍ଣ୍ଣ କାଗଜପତ୍ର ତ ସେମାନଂକ ହାତରେ... ଆଜି ଦୁଇଟା ମାସ ଗଲେ ଅଡ଼ିଟ୍‌ବାଲା ଆସି ପହଂଚ ଯିବେ !!

ଷାଠିରେ ସେଂଟ୍ରମର ପ୍ରୌଢ଼ ମିଃ ମହାପାତ୍ର ନିଜ କ୍ରୋଧ ଓ ଯଂତ୍ରଣାକୁ ସଂବରଣ କରି ପାରିଲେ : ମୁଁ ମହାମାୟୀଂକୁ ଲଭ୍ ମ୍ୟାରେଜ୍ କଲାବେଳକୁ ମିସ ସୁଚରିତା ଗର୍ଭରେ ଥିଲା...ଆମର ମ୍ୟାରେଜ୍ ପୂର୍ବରୁ ମୁଁ ମୋର ସମସ୍ତ ସ୍ଥାବର : ଅସ୍ଥାବର ସଂପତ୍ତି ମହାମାୟୀଂକ ନାମରେ ରେଜିଷ୍ଟ୍ରି କରିଦେଇଛି : ମୁଁ ଯଦି ଘରେ ପହଂଚିଲାପରେ ତାଂକୁ କିଛି କୈଫିୟତ୍ ତଲବ୍ କରେ ତ ସେ ମୋତେ ଡ଼ାଇଭର୍ସ କରିଦେଇପାରଂତି ଓ ମୋ ରକ୍ଷିତା... ?

ଶଂଶାଧିକ ନାଟକ ଓ ଉପନ୍ୟାସର ପ୍ରଣେତା ଶ୍ରୀଯୁକ୍ତ ମିହିରମନ-ମିଶ୍ର କହିଲେ : ମୁଁ କ'ଣ କରିବି । ଯଦି ମୁଁ କିଛି ଶୋଧନ ଆରଂଭ କରେ ତ ତାହେଲେ ସେ ମୋର କନ୍ୟା ବିବାହବେଳେ ଯେଉଁ ଦୁଇହଜାର ଟଂକା ଧାର ଦେଇଥିଲେ ସେସବୁ ଜରୁରୀ ଆଦାୟପାଇଁ କୋର୍ଟକୁ ମୋତେ ଟାଣି ନେଇପାରଂତି ।

ଟୋକା ଓକିଲ ଡ଼ଃ ଚଂଦ୍ରଧ୍ୱଜ କହିଲେ : ହେ ଭଗବାନ୍...ଶଳା ଚନ୍ଦ୍ରମୋହନ କିଂବା ତା ସ୍ତ୍ରୀକୁ ଯଦି ଏ ସଂପର୍କରେ ପ୍ରଶ୍ନ କରେ ତ ସେମାନେ ମୋତେ ଗଳା ଧକ୍କା ଦେଇ ତାଂକ ବାହାରୁ ତଡ଼ି-ଦେଇ ପାରଂତି...ପୁଣି ମୁଁ ସେଇ ଟିଉସନ୍ ଶେଷ କରି ଏ ଘରୁ ସେ ବାରଂଡା ବୁଲିବି ?

ମ୍ୟାଂଡ୍ରେକ୍ସ୍ ସେବନକାରୀ ସେଇ ହାଉସ୍‌ସର୍ଜନ କହିଲା : ମୁଁ କ'ଣ କରିବି କ'ଣ ନାହିଁ ? ତାକୁ ଉଡ଼ାଉଛି ପ୍ରିଂସିପାଲ୍ ଲଭସ୍

Digitized by srujanika@gmail.com

ମିଲନ୍ ! ଜହ୍ନିମଂଜ ପରି ଟୋପା ଟକ୍ ଟକ୍ ତାର ଗୋଲ୍ଡିଅ-ପାଇଁ ପ୍ରଚୁର ଟଙ୍କା ମାଧ୍ୟମରେ ମୋତେ ଜ୍ୱାଇଁପୁଅ ରୂପରେ କିଣିବାକୁ ଚାହୁଁଥିଲ ଏବଂ ବିବାହ ପ୍ରସ୍ତାବରେ ମୋ ପିତାମାତା ରାଜି ଯେହେତୁ ପ୍ରଚୁର ଅର୍ଥ, ବାଂଲୋ ସହ ମୋତେ ବିନା ବାଧାରେ ଚାକିରିଟିଏ ପ୍ରିଂସିପାଲ୍ ଦ୍ୱାରା ମିଳିଯାଇପାରେ... ମୁଁ ଯଦି ପ୍ରିଂସିପାଲ୍ ସହ କିଛି ଯୁକ୍ତିତର୍କ କରେ ତ ସବୁକିଛି ଓଲଟ ପାଲଟ ହୋଇଯିବ !!

ପ୍ରତ୍ୟେକଙ୍କ ଦୁର୍ବଳତା ଓ ଦୁର୍ଦ୍ଦଶା ଶୁଣିସାରିଲାପରେ ଦେବୀ କହିଲେ : ହେ ଅମୃତର ସଂତାନମାନେ ! ତୁମେ ଅଯଥା ଏଇ ନିରୀହ ଆଲୋକ ଦାତାଟିକୁ ଅଂଧପରି ଅଭିଯୋଗ କଲ ପୃଥିବୀ ପୃଷ୍ଠରେ... ଯା ହେଉ ସେ ବର୍ତ୍ତମାନ ତୁମମାନଙ୍କ ଦୁଃଖରେ ସମଦୁଃଖୀ ଓ ତୁମମାନଙ୍କ ପରମ ବଂଧୁ... ତାକୁ କ୍ଷମାଭିକ୍ଷା କର ଏବଂ ଭବିଷ୍ୟତ କାର୍ଯ୍ୟପଂଥା ସଂପର୍କରେ ଉପଦେଶ ସଂଗ୍ରହ କର...

ମୁଁ କହିଲି : ହେ ଦେବୀ ! ମୋତେ ଅଯଥା ଏଇ କଂକାଳ ମଧ୍ୟରେ ଠେଲିଦେଉଛ କାହିଁକି ? ମୁଁ ପରମ ପୁରୁଷ କିଂବା ମହାଗୁରୁ ନୁହେଁ । ସେମାନଙ୍କ ପରି ମୋର ବି ଅନେକ ପ୍ରବ୍ଲମ ରହିଛି ମୁଁ ବି ଏକ ସାଧାରଣ ମଣିଷ...କେବଳ ଏତିକି ମାତ୍ର ମୋର ଯୋଗ୍ୟତା —ଜଣେ କଲମ ଚାଳକ (ପ୍ରଜ୍ଞାବାନ୍ ହେବାର ବି ଯୋଗ୍ୟତା ମୋର ନାହିଁ)... ସମାଜର ଯେଉଁ ଅଂଗ ସବୁ ବିଭିନ୍ନବ୍ୟାଧିରେ କ୍ଷୟମୁଖୀ ସେଇ କ୍ଷତ ଚିହ୍ନମାନଙ୍କୁ ମୋ ସମାଜର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ମୋର କର୍ତ୍ତବ୍ୟ ମାତ୍ର... କିଂତୁ ମୁଁ ସମାଜ ବ୍ୟବସ୍ଥା ସଭାର ବିଚାରକ କିଂବା ଡାକ୍ତର ନୁହେଁ ଯେ କ୍ଷତସ୍ଥାନମାନଙ୍କୁ ଅପରେସନ୍ କରି ସୁସ୍ଥ କରିଦେବା ଦାୟିତ୍ୱ ମୁଁ ନେବି !

ଅନେକ ଘଂଟା ପୂର୍ବେ ପୃଥିବୀ ପୃଷ୍ଠର ସେଇ ଚୌହଦୀରେ ହୋ ହଲ୍ଲାକାରୀ ସେଇ ଅଶାଂତ ଜନସମୁଦ୍ର ମଧ୍ୟରୁ ପ୍ରତିନିଧିତ୍ୱ କରୁଥିବା ଓ ମୋ ନିକଟରୁ କୈଫିୟତ୍ ତଲବ୍ କରୁଥିବା ସେଇ ଛଅଜଣ : ହିପ୍ପୀ ରୂପୀ ବିମ୍ଳୀ ଯୁବକ କଂଜୁନାଥମ୍, ମାଲମ୍ଲାକାର୍ଡ଼ ଗାଲ୍ ସଚ୍ଚିଦାନଂଦ, ଚଂଦାମୁଣ୍ଡିଆ ସୁରଭିକାଂତ, ବଂଶୀଧର ନାଟକ ଓ ଉପନ୍ୟାସର ଲେଖକ ମିତ୍ର ଦମନ, ଟୋକା ଓକିଲ ଚଂଦ୍ରଧ୍ୱଜ, ହାଉସ୍ ସର୍ଜନ ନିଖିଳାନଂଦ ମୁଂଡ଼ି ପ୍ରମୁଖ ଦେବୀ ଓ ମୋ ମଧ୍ୟରେ ଚାଲିଥିବା ବାର୍ତ୍ତାଳାପକୁ ଶୁଣିଲାପରେ କହିଲେ : ଏ ପୃଥିବୀ ପ୍ରତାରଣା ଓ ପ୍ରବଂଚନାର... ପ୍ରୀତି, ମୈତ୍ରୀ, ବିଶ୍ୱାସ ଓ ଆସ୍ଥା ଏଠି ଏକ ଦୁଃସ୍ୱପ୍ନ ଓ ଡିକ୍ସିନାରୀର ଗୋଟିଏ ଗୋଟିଏ ଶବ୍ଦମାତ୍ର...

Digitized by srujanika@gmail.com

ଆମେ ସବୁ ମଣିଷମାନେ ସୃଷ୍ଟିର ଶ୍ରେଷ୍ଠତମ ପ୍ରାଣୀ ନାମରେ ଅବହିତ ସିନା କିନ୍ତୁ ନିର୍ବୋଧ ପଶୁଠାରୁ ମଧ୍ୟ ଆମେ ଆହୁରି ନୀଚ...ଜଘନ୍ୟ...ଭୟଂକର...ମାରାତ୍ମକ !!

ସେମାନଙ୍କୁ ଉଦ୍ଦେଶ୍ୟ କରି ମୁଁ କହିଲି : ବନ୍ଧୁଗଣ ! ଆପଣମାନେ ବହୁତ ଉଦ୍ଧତରେ ଏ ବିଶାଳବର୍ତ୍ତୀ ପୃଥିବୀ ଓ ଏ ବିଚାର ମଣିଷ ସମାଜଟିକୁ ଚାହିଁଲେ କିନ୍ତୁ ଆପଣମାନଙ୍କୁ ମନେରଖିବାକୁ ପଡ଼ିବ ମୁଁ, ଆପଣେ ଓ ଅନ୍ୟେ ସମସ୍ତେ ମେ ଏଇ ବିଚାର ସମାଜ ଓ ମଣିଷ ଜାତିର ଜଣେ ଜଣେ ବ୍ୟକ୍ତି ବିଶେଷ...

ସେମାନେ ସମସ୍ୱରରେ ଗର୍ଜନକଲେ : ଆମେ ଏଇ ହତପୋଷି ଜୀବାଣୁଭରା ପୃଥିବୀକୁ...ସମାଜକୁ ଧ୍ୱଂସ କରିଦେବୁ !

ମୁଁ ବି ଗର୍ଜନ କଲି : ରେ ମୂର୍ଖମାନେ ! ଯା'ର ଗଢ଼ି ପାରିବାର ଶକ୍ତି ନାହିଁ : ତାର ଭାଙ୍ଗିବାର କୌଣସି ନୈତିକ ଅଧିକାର ନାହିଁ...

ସେମାନେ ସ୍ଥିର ଚିତ୍ତରେ ପଚାରିଲେ : ତେବେ ଆମକୁ ପଥ ଦେଖାଅ, ଆମେ ପୃଥିବୀକୁ ଫେରିଲାପରେ କେଉଁ କାର୍ଯ୍ୟପନ୍ଥା ଗ୍ରହଣ କରିବୁ !

ମୁଁ କେବଳ ଏତିକି କହିଲି : ତୁ ନିଜେଇ ନିଜ ଗୁରୁ : ଉତ୍ତର ନିଜକୁ ତୁ ପଚାରୁ !

ସେମାନଙ୍କୁ ଓ ମୋତେ ଉଦ୍ଦେଶ୍ୟ କରି ଦେବୀଟି ପଚାରିଲା : ଦେଖ, ବର୍ତ୍ତମାନ ରାତିପାହିବାକୁ ବସିଲାଣି... ଆଉ ତିନି ଚାରି ଘଂଟାପରେ ପୃଥିବୀ, ଅନ୍ଧାରରୁ ନିଜକୁ ମୁକ୍ତକରି ସୂର୍ଯ୍ୟାଲୋକରେ ସ୍ନାନ କରିବ... ଅଯଥା ଯୁକ୍ତି କରି ନିଜ ନିଜର ମୂଲ୍ୟବାନ ସମୟର ଅପଚୟ କରନାହିଁ...ଚାଲ ପୃଥିବୀ ପୃଷ୍ଠରେ ଗୁଡ଼ି ଦେଇ ଆସିବା !

ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ— ଦେବୀଟି ଏତିକି ମାତ୍ର ବକ୍ତବ୍ୟ ପେଶ୍ କଲାପରେ ଆମେ ସମସ୍ତେ ଆଶ୍ରୟ ନେଇଥିବା ଜହ୍ନରାଇଚଟାଣଟା ଓଲଟି ପଡ଼ି ଆକାଶର ସ୍କ୍ରିନ୍ ଅଡ଼କୁ ଅଗ୍ରସର ହେଲା ଓ ଆମେସବୁ ଆକାଶୀଛତାର ଆଶ୍ରାରେ ଝୁଲିଝୁଲି ମହାଶୂନ୍ୟରୁ ଖସୁଥିବା ସୈନିକ ମାନଙ୍କପରି ଝୁଲିଝୁଲି ଆସି ପୂର୍ବୋକ୍ତ ଆଲୋଚିତ ଚୌହଦୀ ନିକଟରେ ପହଂଚିଲୁ ।

Digitized by srujanika@gmail.com

ଅଠଚଳିଶ ।। ଶେଷବଂଶର ପାଂଶୁ

ଦେବୀ ବିଦାୟର ଶେଷ ସ୍ନେହ ଜଣାଇ ଆମ ସମସ୍ତଂକୁ କହିଲେ : ଆଚ୍ଛା, ମୁଁ ଆସୁଛି... ତୁମେମାନେ ବର୍ତ୍ତମାନ ନିଜ ନିଜ ଘରକୁ ଚାଲିଯାଇପାର... !!

ଆମେ ସମସ୍ତେ ଦେବୀଂକୁ ପ୍ରଣିପାତ ଜଣାଇଲୁ : ଆପଣଂକ ଶ୍ରଦ୍ଧା, ସ୍ନେହ ଓ ଆଶୀର୍ବାଦରେ ଆମେ ସମସ୍ତେ ଚିରଋଣୀ... ଆପଣ ବର୍ତ୍ତମାନ ବିଦାୟଦେଇ ପାରଂତି !

ଦେବୀ ନିମିଷେ ଅଂତର୍ଦ୍ଧାନ ହେଲେ ।

ମୁଁ ସେମାନଂକୁ ଲକ୍ଷ୍ୟ କରି କହିଲି : ଆଚ୍ଛା ବନ୍ଧୁଗଣ ! ମୁଁ ଆସୁଚି... ପୁଣି କେବେ ଦେଖାହେବ ?

ସବୁଠୁଁ ବଡ ଆଶ୍ଚର୍ଯ୍ୟର କଥା ମୁଁ ସେମାନଂକଠାରୁ ବିଦାୟ ନେଇ ଚାଲିଯିବାକୁ ବସିଛି ସେଇ ଛଅ ହଜାର ସୁପ୍ତ ଜନତା ଜାଗ୍ରତ ହୋଇ ମୋତେ ପୁଣି ଘେରିଗଲେ ଓ ଗର୍ଜନ କଲେ : ରେ ନାରଦ ! କୁଆଡ଼େ ଚାଲିଯିବାକୁ ବସିଛୁ ?

ମୁଁ କ୍ରୋଧରେ ଗର୍ଜନ କଲି : ରେ ଅଂଧଜନସମୁଦ୍ରର କଂକର-ମାନେ ! ତୁମର ସେଇ ପ୍ରତିନିଧିମାନଂକ ସହ ମୋର ଆଲୋଚନା ଓ ସମାଧାନ ହୋଇସାରିଛି ଓ ସେମାନଂକ ଅଂଧତ୍ୱକୁ ଦୂରକରି ଆଲୋକର ଦିହୁଡ଼ି ମୁଁ ସେମାନଂକ ହାତରେ ଧରେଇ ଦେଇସାରିଛି... ବର୍ତ୍ତମାନ ତୁମେମାନେ ମୋ ଯିବା ପଥ ପ୍ରତିରୋଧ ନକରି ତୁମମାନଂକ ସେଇ ପ୍ରତିନିଧିମାନଂକ ସହ ଫେରିଯାଅ ।

ବିଚିତ୍ର ଏଇ ମଣିଷର ମନ !

ଚନ୍ଦ୍ରର ସେଇ ଗୋଲାକାର ଚଟାଣରେ ମୋ ନିକଟରୁ କୈଫିୟତ୍ ତଲବ୍ କରୁଥିବା ବାରେଟି ଆଖିର ସେଇ ଛଅଟି ମାଲିକ୍ ମୋ ପାଖକୁ ଆଗେଇ ଆସିଲେ ଓ କହିଲେ : ଶୁଣରେ ବନ୍ଧୁବର ! ତୁମେ କୁଆଡ଼େ ଚାଲିଯିବ ? ତୁମେ କ'ଣ ଭାବିଛ ଆମେ ସବୁ ନିର୍ବୋଧ ଓ ନପୁଂସକ ?

କ୍ରୋଧାଂଧ ଯୁବକଟିଏ ପରି ମୁଁ କହିଲି : ଜହ୍ନର ଚଟାଣରେ ବସି ମୋ ସହିତ ବାର୍ତ୍ତାଳାପ...ଯୁକ୍ତିତର୍କ କଲାବେଳେ ତୁମମାନଂକ ମତି ଗତି ଆଜି ବର୍ତ୍ତମାନର କଥାବାର୍ତ୍ତା ମୋତେ ସଂଦେହରେ ପକାଉଚି ତୁମେମାନେ ଅନୁଭବ କରୁଛ'ତ ?

Digitized by srujanika@gmail.com

ସେମାନେ ଉଚ୍ଚକଣ୍ଠରେ ପ୍ରଳାପ କଲେ : ସମସ୍ତ ଯେମିତି ପରିବର୍ତ୍ତନ ଶୀଳ : ମଣିଷର ମନ ବି ଠିକ୍ ସେମିତି... ଏକଥା ତୁମଭଳି ଲେଖକ ଜାଣିଥିବ ନିଶ୍ଚୟ ?

ମୁଁ ପଚାରିଲି : ତୁମେମାନେ କ'ଣ ଚାହଁ ?

ଲାଲ୍ ବାଲ୍ ହେଭି ହିପ୍ପୀ ତରୁଣଟି କହିଲା : ଶଳା, ଇଏ ଗୋଟାଏ ଯୁଗ ମେକ୍ସିଏନ୍ ରେ, ସାଥୀମାନେ ! ବାସ୍ଟାର୍ଡ୍ କୋଉଠିକାର ଆମମାନଙ୍କୁ ଏକ ଯାଦୁଭରା ଚଷମାଟିଏ ପିନ୍ଧାଇ-ଦେଇ ଆମମାନଙ୍କୁ ଭୁଲେଇଦେବାକୁ ବସିଥିଲା ଆଜ ଏ ଶଳାର ସେଇ ରଙ୍ଗିନ ଡାହାଣୀଟା ଆମମାନଙ୍କୁ ଉଡେଇ ନେଇଥିଲା ଉପରକୁ ଫାଙ୍କ ଦେବାକୁ...

ମୁଁ ନିଜକୁ ଯଥେଷ୍ଟ ଧୈର୍ଯ୍ୟବାନ୍ ଓ ସଂଯତକରି କହିଲି : ହେ ପାପିଷ୍ଠମାନେ ! ତୁମେମାନେ ଯାହା କହୁଛ ଓ କରୁଛ ନିଜେ-ବି ଜାଣନା...କିନ୍ତୁ ଭଗବାନ ଯେତେବେଳେ ସଦ୍‌ବୁଦ୍ଧି ଦେବେ ସେତିକବେଳକୁ ତୁମମାନଙ୍କ ନେଣ୍ଡ ଗୁଡ଼ କହୁଣିକୁ ବୋହି ଯାଇଥିବ... ଏକଥା ମନେରଖ !

ଲାଲ୍ ପ୍ଲାକାର୍ଡବାଲା କଣ୍ଡୁନାଥମ କହିଲା : ନା, ଆମ ପାର୍ଟି, ଚେୟାର୍‌ମ୍ୟାନ୍ ସତ୍ୟବାଦୀ ଭୌମିକ୍ ଏତେଟା ମିନ୍ ନୁହନ୍ତି... ଏକ ପୁଂଜପତିର ସଂତାନ ହୋଇ ମଧ୍ୟ ସେ ସର୍ବଦା ସର୍ବହରା... ତୁମେ ତାଙ୍କ ବିରୁଦ୍ଧରେ ଯାହାସବୁ ଲେଖିଛ ସେ ସବୁ ମିଥ୍ୟା... କପୋଳକଳ୍ପିତ !!

ନୀଳ ପ୍ଲାକାର୍ଡର ବହନକାରୀ ସଚ୍ଚିଦାନଂଦ କହିଲେ : ନା ! ଅସଂଭବ... ଆମ 'ମୁଣ୍ଡବିନ୍ଧା ସମସ୍ୟା ସମାଧାନ ସମିତି'ର ସଭାପତି ଓ ଉପସଭାନେତ୍ରୀ କଦାଚିତ୍ ଚରିତ୍ରହୀନ ନୁହଂନ୍ତି...ଆମ ଅନୁଷ୍ଠାନର କଲ୍ୟାଣ ଓ ସଫଳତା'ପାଇଁ ସେମାନଙ୍କ ଦାନ ଅତୁଳନୀୟ...ତୁମେ ସେମାନଙ୍କ କଲ୍ୟାଣ ମୂଳକ କାର୍ଯ୍ୟକଳାପରେ ଈର୍ଷାନ୍ୱିତ ହୋଇ ସେମାନଙ୍କ ଚରିତ୍ରସଂହାର କରିଛ !

ଦାଢ଼ୀରେ ସେଣ୍ଟ୍‌ମରା ଚଂଦାମୁଣ୍ଡିଆ ପ୍ରୌଢ଼ ସୂର୍ଯ୍ୟକାଂତ ଚିତ୍କାର କଲେ : ଇଡିଅଟ୍, ମୋ କନ୍ୟା ସୁଚରିତାକୁ ପ୍ରେମ କରିବାକୁ ଓ ମୋ ସ୍ତ୍ରୀକୁ ବ୍ଲାକ୍‌ମେଲ୍ କରିବାକୁ ଅପଚେଷ୍ଟା କରି ହତାଶ ହେଲାପରେ ତୁ ଆକ୍ରୋଶମୂଳକ ଭାବରେ ଏତେ ହୀନ-ଚକ୍ରାଂତ କରିଛୁ...ସେଥିପାଇଁ ତୋତେ କ୍ଷମା ଦିଆଯାଇପାରେନା !

Digitized by srujanika@gmail.com

ପରୂଣ ।। ଶେଷବଂଶର ଯୀଶୁ

ଜରଦ୍‌ଗବ ଲେଖକ ମିତ୍ରଦମନ ମିଶ୍ର ଚୁପି ଚୁପି କହିଲେ : ହ୍ୟାପ୍, ତୁ ଆମମାନଙ୍କ ନିକଟରେ ଏକ କନିଷ୍ଠତମ ଲେଖକ ହେଲେ ମଧ୍ୟ କ'ଣ ହେଲା... ତୋ ଗୁଲ୍‌ବାଜି କମ୍ ନୁହେଁ ତ ! ନୃସିଂହଚରଣ ଦାସଙ୍କ ନିକଟରୁ କିଛି ଫାଇଦା ଉଠେଇବାକୁ ଚେଷ୍ଟାକରି ବିଫଳ ହେଲାପରେ ତୁ ତାଙ୍କ ବିରୁଦ୍ଧରେ ଏତେସବୁ କୁତ୍ସାପ୍ରଚାର କରିପାରିଲୁ ! ଜାଣୁ, ବର୍ତ୍ତମାନ୍ ତୋ ଅବସ୍ଥା କ'ଣ ହେବ ?

ଟୋକା ଓକିଲ ଚଂଦ୍ରଧ୍ୱଜ ମହାନ୍ତି ମୋ ସାର୍ଟ କଲର୍‌କୁ ଭିଡ଼ି କହିଲା : ଷ୍ଟୁପିଡ୍ ! ମୋ ବସ୍ ତୋର କି ଅପରାଧ କରିଥିଲା ? ସେ ଆଇନରେ କଳାବଜାରି କରୁ କି ସମାଜସେବା ନାଁରେ ଟାଉଟରି କରୁ ସେଥିରେ ତୋର କି ଯାଏ ଆସେ ? ତୋତେ କ'ଣ ସେଥିରୁ ଭାଗ ମିଳିଲାନି ବୋଲି ? ରହ ବର୍ତ୍ତମାନ ଉପଯୁକ୍ତ ଫଳ ପାଇବୁ : ତୋ କର୍ମ—ଅପକର୍ମର ।

ଡାକ୍ତରୀ ଗ୍ରୁନ ଅର୍ଥାତ ହାଉସ୍‌ସର୍ଜନ ଡ଼ଃ ନଳିଳା ନଂଦ ଚିତ୍କାର କଲା : ଆବେ ! ପୁଜରକ୍ତ ମଳମୂତ୍ରରେ ଘାଂଟିହୋଇ ଡାକ୍ତରମାନେ ରୋଗୀର ସେବା କରିବେ...ଏଇ ନର୍କମୟ ଜୀବିକା ଭିତରେ ସାରା ଜୀବନକୁ ବିତାଇଦେଇ ତୋ ପରି ମଣିଷ-ମାନଂକ ଜୀବନକୁ ବଂଚାଇବେ ଅଥଚ ତୁ ଶଃ—ସେଇ ସେବକମାନଂକର ଚରିତ୍ର ସଂହାର କରି ଜନତାର ମନରେ ଭ୍ରାଂତ ଧାରଣା ସୃଷ୍ଟି କରିବୁ ?

ମୁଁ ଗର୍ଜନ କଲି : ବାସ୍ ବାସ୍ !! ମୁଁ ଅନେକ ବାର କହିସାରିଛି ତୁମେମାନେ ଯାହା କହୁଛ ଓ କରିବାକୁ ଯାଉଛ ନିଜେବି ଜାଣନାହିଁ... ଭଗବାନ ତୁମମାନଂକୁ କ୍ଷମାକରଂତୁ ।

ସେମାନଂକ ସହ ସହସ୍ରାଧିକ ଜନସମୁଦ୍ର ଗର୍ଜନ କଲା : ଶଳା ! ଚଷମାଟା ପିଂଧାଇଦେଇ, ଆମମାନଂକୁ ଯାଦୁକାରି ଦୃଶ୍ୟ ଦେଖାଇ ଫାଂକିଦେବାକୁ ବସିଥିଲୁ ନା ?

ମୁଁ ସେତେବେଳେ ନୀରବତା ପାଳନକରି ଆସନ୍ନ ମୃତ୍ୟୁର ପଦଧ୍ୱନିକୁ ଶୁଣିବା ଛଡ଼ା ମୁକ୍ତିପାଇବାର ଅନ୍ୟ କୌଣସି ପଥ ଖୋଜିପାଉନଥିଲି ।

ସେମାନେ, ସମସ୍ତେ ଏକ୍‌ଜୁଟ୍ ହୋଇ ମୋତେ ଗଳାଧକ୍କା ମାରିଲାବେଳକୁ ମୋ ପରି ଏକ କ୍ଷିଣକାୟ ଯୁବକ ଚୈତନ୍ୟହରାଇ ଟଳିପଡ଼ିବା ସ୍ୱାଭାବିକ୍ ।

Digitized by srujanika@gmail.com

ଯେଉଁ ମାଟିର ମମତା ନେଇ ଯେଉଁ ମାଟିକୁ ମୁଁ ଆସିଥିଲି କୋଡିଏ ମାଇଲ୍ ପୂର୍ବେ ଅର୍ଥାତ୍ କୋଡ଼ିଏ ବର୍ଷ ତଳେ ପୁଣି ସେଇ ମାଟିରେ ମୁଁ ଲୋଟି ପଡ଼ିଲି ମୋର ସମସ୍ତ ଚିଂତା ; ଚୈତନ୍ୟ ତଥା ସାହାସ ଓ ଧୈର୍ଯ୍ୟକୁ ହରାଇ । ସେମାନେ ଅନୁଭବ କଲେ ଯେ ସହସ୍ରାଧିକ ବ୍ୟକ୍ତିଂକ ଗଳାଧକ୍କା ଓ ଆକ୍ରମଣ ଫଳେ ମୁଁ ମୃତ-ପ୍ରାୟ । ସେମାନେ କାଳ ବିଳଂବ ନକରି ମୋ ଉପରେ ଜଣକ ପରେ ଜଣେ ଅର୍ଥାତ୍ ଅନ୍ୟୁନ ଛଅ ହଜାର ଜନତା ମାଡ଼ି ଚାଲିଗଲେ ।

ତା' ପରେ କ'ଣ ହେଲା ଜାଣିବାକୁ ଚାହାଂନ୍ତି କି ?

ଶୃଣ୍ୱଂତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ । ସେମାନେ ଅର୍ଥାତ୍ ମୋ ହତ୍ୟାକାରୀ ମାନେ ଅର୍ଥାତ୍ ମୋ ପ୍ରିୟ ମଣିଷ ଜାତିର ଭ୍ରାତାମାନେ ମୋର ଜୀଅଂତା ଶରୀରଟିକୁ ଏକ ଶବରେ ପରିଣତ କରି କିଛି ଦୂର ଅଗ୍ରସର ହେଲାପରେ ସେମାନଂକ ଭିତରୁ କିଏ ଜଣେ ବିଳାପ କଲା : ଆରେ, ଆମେ ସମସ୍ତେ ତ ତାକୁ ହତ୍ୟା କରିଦେଲେ ! ଓ ତାକୁ ସେଇ ଛକରେ ଛାଡ଼ିଦେଇ ଚାଲି ଆସିଲେ... ସକାଳୁ ପରା ହେଇ ଛୋକା ଲେଖକର ଶବଟିକୁ ପୁଲିସ୍ ଆବିଷ୍କାର କରି ତଦଂତ ଚଳାଏ : ତା'ହେଲେ ?

ସେମାନଂକ ମଧ୍ୟରୁ କେତେକ କହିଲେ ; ଆରେ, ହଁ ତ ! ଆମେ ତାକୁ ହତ୍ୟା ସିନା କରିଦେଲେ କିଂତୁ ତା' ଶବଟିକୁ ଗାଏବ୍ କରିଦେବାକୁ ପଡ଼ିବ ଯେ... ନହେଲେ...

ଏକମୁଖୀ ଜନସମୁଦ୍ର ମାଡ଼ି ଯାଉଥିବା ରାସ୍ତାରୁ ପୁଣି ମୋଡ ଭାଂଗି ପଶ୍ଚାତ୍‌ମୁଖୀ ହେଲେ-ମୋ ଶବ ନିକଟକୁ ଅର୍ଥାତ୍ ସେଇ ଚୌମୁହାକୁ...

ନିଜ ନିଜର ମୂଲ୍ୟବାନ ସମୟର ବିନିଯୋଗ ଦ୍ୱାରା ହେଉ ବା ଅପଚୟ କରି ଏ ଅକାହାଣୀକୁ ଅଧ୍ୟୟନ କରୁଥିବା ହେ ପ୍ରିୟ ପାଠକେ ! ମୁଁ ଅର୍ଥାତ୍ ଏ ଲେଖକ ମହାପାତ୍ର ଭାସ୍କର ଶଂତାନୁଚ୍ (ଆଶ୍ଚର୍ଯ୍ୟ ସର୍ଯ୍ୟକାଂତ ନୁହେଁ) ଅପଣମାନଂକୁ ସାଧୁବାଦ ତଥା

Digitized by srujanika@gmail.com

ଗଣ୍ଡୀର କୃତଜ୍ଞତା ଜ୍ଞାପନ କରୁଛୁ । ଏବଂ ଆପଣମାନଂକ ସମୟକୁ ନଷ୍ଟ ନକରି କାହାଣୀଟିକୁ ଯଥାଶୀଘ୍ର ଶେଷ କରିବାକୁ ଚେଷ୍ଟା କରୁଛୁ ।

ଏଥି ଅଂତେ— ସେଇ ଏକମୁଖୀ ଜନତା ନିଜ ଯାତ୍ରାପଥକୁ ପଶ୍ଚାତ୍‌ମୁଖୀ କରି ସେଇ ଚୌହଦୀ ନିକଟରେ ପହଂଚିଲା ବେଳକୁ ଆକାଶୀମେଘର ଘୁମଂତ ପର୍ଦ୍ଦା ଉଡ଼ାଇ ପୂର୍ବ ଦିଗଂତରୁ ସକଳ ଶକ୍ତିର ଆଧାର ଅର୍ଥାତ୍ ସୂର୍ଯ୍ୟ ନାମକ ଆଲୋକଦାତା ଆବିର୍ଭାବ ହେବାକୁ ଉଦ୍ୟମରତ ଏବଂ ପିଚ୍ ରାସ୍ତା ଉପରେ ଚୀର ନିଦ୍ରାଗତ ସେଇ ଶୋକା ଲେଖକ ଆଗ୍ନେୟସୂର୍ଯ୍ୟକାଂତଂର ପ୍ରାଣହୀନ ଶରୀର ଉପରେ ଟପଂଟିଂହୋଇ ଯାଇଥିବା ପ୍ରାତଃକାଳୀନ ଶିଶିର ବିଂଦୁ ସହ ରବି ରଶ୍ମିର ପ୍ରତିଫଳନ ଅଦ୍ଭୁତ ରୋମାଂଚ... ଦୃଶ୍ୟ ସୃଷ୍ଟି କରୁଥିଲା । ବିଚରା ଯଦିଓ ସଂପୂର୍ଣ୍ଣରୂପେ ମୃତ ତଥାପି ତା ଓଠରେ ଚୀରହସଂତ ରେଖା...

ସେଇ ସହସ୍ରାଧିକ ଜନତା ଶବଟି ନିକଟରେ ପହଂଚିଲା ପରେ ଅଭିନୟ ଆରଂଭ କରିଦେଲେ : ଆରେ, ବିଚରାଟିକୁ କିଏ ହତ୍ୟାକଲା ? ଇଏ ତ ଆମର ସେଇ ପ୍ରିୟ ଲେଖକ, ଏ ଜାତିର ଉଜ୍ଜ୍ୱଳ ପିପଣ୍ଟିଖା ଭବିଷ୍ୟତ ଓ ବର୍ତ୍ତମାନର... ମହାନ୍ ପ୍ରଭାବଶାଳୀ ପିପ୍ରିମଂତ ପ୍ରତିଭା ଆଗ୍ନେୟ ସୂର୍ଯ୍ୟକାଂତ ।

ସମସ୍ତେ ଏକ ସ୍ୱରରେ ଚିତ୍କାର କଲେ : ସୂର୍ଯ୍ୟକାଂତ ବାବୁଂକ ଅମର ଆତ୍ମାପ୍ରତି ସମ୍ମାନ ପ୍ରଦର୍ଶନ କରିବା... ତାଂକ ସ୍ମୃତି-ରକ୍ଷା ପାଇଁ ଏକ ପାଂଠି ସଂଗ୍ରହ କରିବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ...

ଜନଗହଳି ଭିତରୁ ଆଗେଇ ଆସି ମିତ୍ରଦମନ ମିଶ୍ର ଓ ସୁରଭିକାଂତ କହିଲେ : ନିଶ୍ଚୟ... ନିଶ୍ଚୟ! ଆଜି ସଂଧ୍ୟାରେ ଏଇ ଚୌହଦୀରେ ଏକ ଜନପଥ ଶୋକ ସଭାର ବ୍ୟବସ୍ଥା କରାଯାଉ...

ଏଡ୍‌ଭୋକେଟ୍ ଚଂଦ୍ରଧ୍ୱଜ ମହାଂତି ଓ କମ୍ରେଡ କଂଡୁ ନାଥମ୍ ବାହାସ୍ଫୋଟ ମାରି କହିଲେ : ସୂର୍ଯ୍ୟକାଂତ ଆଗ୍ନେୟଂକ ହତ୍ୟାକାରୀ... ନରହଂତାକୁ ଆବିଷ୍କାର କରାଯାଇ ପ୍ରାଣଦଂଡ ଦିଆଯାଉ...

Digitized by srujanika@gmail.com

ସଚ୍ଚିଦାନଂଦ ଦାସ ଓ ଡଃ ନିଖିଳାନଂଦ କହିଲେ : ନା…ନା ଆପଣମାନେ ଜାଣି ଜାଣି ସ୍ୱର୍ଗତ ଆଚାର୍ଯ୍ୟଂକ ଅମର ଆତ୍ମାକୁ କଷ୍ଟ ଦେଉଛନ୍ତି କାହିଁକି ? ତାଂକ ହତ୍ୟାକାରୀର ଅନୁସଂଧାନ, ତଦଂତ ଆଦି କାର୍ଯ୍ୟକଳାପ ଯଥା—ପୁଲିସ୍ ବିଭାଗ ଗାଡ଼ିର ପେଟ୍ରୋଲ, ଅନୁସଂଧାନକାରୀଂକ ଖାନାପିନା, କୋର୍ଟକଚେରୀ ଇତ୍ୟାଦିରେ ସରକାରୀ ରାଜକୋଷରୁ ଯେତିକି ଟଂକା ଖର୍ଚ୍ଚ ହେବ ସେତିକି ଟଂକା ଅପବ୍ୟୟ ନକରି (ସୂର୍ଯ୍ୟକାଂତ ବାବୁ ତ ଆଉ ଫେରିବେନାହିଁ : ଅଯଥା ହତ୍ୟାକାରୀକୁ ଆବିଷ୍କାର କରିବାପାଇଁ ଏତେ ଟଂକା ବରବାଦ୍ କରିବାର କି ଦରକାର ?) ସେତିକି ଅର୍ଥକୁ ଯଦି ଖର୍ଚ୍ଚ କରାଯାଆଂତା ତାଂକ ସ୍ମୃତି ସୁରକ୍ଷାପାଇଁ ତେବେ ସେଇ ଅର୍ଥରେ ପାଂଚୋଟି ପ୍ରତିମୂର୍ତ୍ତି, ଦଶୋଟି ଗ୍ରଂଥାବଳୀ, ପାଂଚୋଟି ସ୍ମରଣିକା ଇତ୍ୟାଦି ଇତ୍ୟାଦି ପ୍ରସ୍ତୁତ ହୋଇପାରଂତା !

କମ୍ରେଡ଼-କଂଡ଼ନାଥମ୍ କହିଲେ : ଆଜ୍ଞା, ତେବେ ସଂବାଦ ପତ୍ର ପ୍ରତିନିଧିମାନଂକୁ ଆଂଭମାନଂକର ଏଇ ସବୁ ସିଦ୍ଧାଂତ ଓ ଏ ସିଦ୍ଧାଂତକୁ କାର୍ଯ୍ୟକାରୀ କରିବାକୁ, ପଦକ୍ଷେପ ଦେବାକୁ ନିବେଦନ ଓ ଦାବୀ ପ୍ରକାଶନ ପାଇଁ ଷ୍ଟେଟ୍‌ମେଂଟ୍ ଦିଆଯାଉ !

ମିଃ ଚଂଦ୍ରଧ୍ୱଜମହାଂତି ଓ ଡଃ ନିଖିଳାନଂଦ କହିଲେ : ଶୁଣଂତୁ ସେ ସବୁ ତ ଭବିଷ୍ୟତର କାର୍ଯ୍ୟସୂଚୀ, ବର୍ତ୍ତମାନ ପୁଲିସ୍‌କୁ ଫୋନ୍-କରି ଡେଡ୍‌ବଡି ସଂପର୍କରେ ଜଣାଇଦିଆଯାଉ ନଚେତ ସଜ ମଡ଼ଟା ପଚିଯିବ ଯେ… ଯଥାଶିଘ୍ର ଡ଼ାକ୍ତର ମାଇନା ବା ବ୍ୟବଚ୍ଛେଦ କରାଯିବା ଶୁଦ୍ଧ ।

ସୁରଭିକାଂତବାବୁ ଓ ମିହିରମନ ମିଶ୍ର କହିଲେ : ହଁ, ସେ ସବୁ ତ ଗଲା… ଯଥାଶିଘ୍ର ସୂର୍ଯ୍ୟକାଂତଂକ ଏକ ଫୋଟ ଶବର ବ୍ୟବସ୍ଥା କରାଯାଉ ଓ ସହରର ସମସ୍ତ କବି ଲେଖକମାନଂକୁ ନିମଂତ୍ରଣ ପତ୍ର ପଠାଇବାର ବ୍ୟବସ୍ଥା କରି ଜଣାଇ ଦିଆଯାଉ ଯେ ପ୍ରତ୍ୟେକେ ନିଜର ଗୋଟିଏ ଗୋଟିଏ ଶ୍ରଦ୍ଧାଂଜଳୀକବିତା ସହ ଆଜି ସଂଧ୍ୟାରେ ଏଠି ଯୋଗଦାନ କରିବେ…

ଏଡ଼ଭୋକେଟ୍ ଚଂଦ୍ରଧ୍ୱଜ ମହାଂତି କହିଲେ : ସ୍ୱର୍ଗତ ସୂର୍ଯ୍ୟକାଂତଂକ ଫଟୋପାଇଁ ଆପଣମାନେ ବ୍ୟସ୍ତ ହୁଅଂତୁ ନାହିଁ… ତାଂକର ଏକ ସୁଂଦର ମନୋରମ ରେଖାଚିତ୍ର ମିସେସ୍ ସୋନାଲିଂକ ବେଡ୍‌ରୁମ୍‌ରେ ଅଛି… ମୁଁ ତାଂକୁ ଦୁଇଘଂଟାପାଇଁ ଅନୁରୋଧ କରି ଆଣିବି…

ଠିଆ ଠିଆରେ ନବଗଠିତ 'ସୂର୍ଯ୍ୟକାଂତ ସ୍ମୃତି ସୁରକ୍ଷା ସମିତି'ର ପ୍ରସ୍ତାବକ, ସମର୍ଥକ ଓ ସଂଚାଳକମାନଂକ ବାର୍ତ୍ତାଲାପ ଭିତରେ

Digitized by srujanika@gmail.com

ପୁଲସ୍ ଶବଟିକୁ ଉଠେଇନେଇ ଯାଇଥିଲା ଓ ସେମାନଙ୍କ କାର୍ଯ୍ୟ-ସଂସ୍ଥା ଶେଷ ବେଳକୁ ଶତାଧିକ କପ୍ ଗୁଡ଼ା... କଫି, ପାନ ଓ ସିଗାରେଟ୍ ଶେଷହୋଇ ଯାଇଥିଲା ଚୌହଦୀ ନିକଟସ୍ଥ କ୍ୟାଣ୍ଟିନ୍ ମାନଙ୍କରୁ ଏବଂ ମୁଣ୍ଡ ଉପରେ ସୂର୍ଯ୍ୟ ଜଳୁଥିଲା ।

ଯା'ହେଉ ପରମ ଆନନ୍ଦ ଓ ଗୌରବର କଥା 'ଏ ଜାତି କଦା'ଚନ ମୃତ୍ୟୁପୂଜାର ପ୍ରଚଳନ କରିପାରେନା' ତାର ପ୍ରମାଣ ସ୍ୱରୂପ ସେଇ ଚୌହଦୀ ନିକଟରେ 'ସୂର୍ଯ୍ୟକାନ୍ତ ସ୍ମୃତି ସୁରକ୍ଷା ସମିତି' ଆନୁକୂଲ୍ୟରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେଲା । ସ୍ୱର୍ଗତ ଆଚାର୍ଯ୍ୟ ସୂର୍ଯ୍ୟକାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବହୁ ବାଳକବି, ତରୁଣ କବି, ପ୍ରବୀଣ କବି— ଶ୍ରୀଯୁକ୍ତ ମିତ୍ରଦମନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଂଶଗ୍ରହଣ କଲାପରେ ସର୍ବଶ୍ରୀ ସୁରଭିକାନ୍ତ ମହାପାତ୍ର, କମ୍ରେଡ୍ କୃଷ୍ଣନାଥମ୍, ଏଡ଼ଭୋକେଟ୍ ଡଃ ଚନ୍ଦ୍ରଧ୍ୱଜ ମହାନ୍ତି, ସଚ୍ଚିଦାନନ୍ଦ ଦାସ, ଡଃ ନିଖିଳାନନ୍ଦ ମୁଣ୍ଡ ପ୍ରମୁଖ ଯଥାକ୍ରମେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଚରିତ୍ର, ସ୍ପଷ୍ଟବାଦିତା, ନିର୍ଭୀକତା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଇତ୍ୟାଦି ଇତ୍ୟାଦି ଗୁଣଗାନ କଲେ । ଅଦ୍ଭୁତ ଶ୍ରଦ୍ଧାଞ୍ଜଳୀ ସଭାର ଅଧ୍ୟକ୍ଷ ଶ୍ରୀଯୁକ୍ତ ମିତ୍ରଦମନ ମିଶ୍ର ସ୍ୱର୍ଗତ ଆଚାର୍ଯ୍ୟଙ୍କ ତୈଳଚିତ୍ର ଉଦ୍ଦେଶ୍ୟରେ ଫୁଲ୍‌ପାତ୍ ମୂଳକ ଅଶ୍ରୁ ସଂବରଣ କରୁ କରୁ ଥରଥର କଣ୍ଠରେ ଭାଷଣ ଦେଲାବେଳକୁ ସଭାମଞ୍ଚର ସାମ୍ନାରେ ବସି ଭାଷଣ ଶ୍ରବଣ କରୁଥିବା କୃଷ୍ଣନାଥମ୍ ଓ ଚନ୍ଦ୍ରଧ୍ୱଜ ବାବୁ ଆବିଷ୍କାର କଲେ—ତୈଳଚିତ୍ର ପଛପଟେ କିଏ ଜଣେ ନିଜକୁ ଆତ୍ମଗୋପନକରି ସେମାନଙ୍କୁ ନିରୀକ୍ଷଣ କରୁଛି ଓ ବଦ୍‌ମାସର ହସ ହସୁଛି ।

ସେମାନଙ୍କ ଚୁପ୍‌ଚାପ୍ କଥାବାର୍ତ୍ତାକୁ ଠଉରେଇ ନେଇ ସୁରଭିକାନ୍ତ ଓ ସଚ୍ଚିଦାନନ୍ଦ କଥାବାର୍ତ୍ତା ହେଲେ : ଆରେ, ହଁ'ତ ମିଃ ମହାନ୍ତି ଓ କୃଷ୍ଣନାଥମ୍ ଯାହା ଆବିଷ୍କାର କରିଛନ୍ତି ତା ସତ୍ୟ...

ସଶଙ୍କେ ଅର୍ଥାତ୍ କମ୍ରେଡ୍ କୃଷ୍ଣନାଥମ୍, ସୁରଭିକାନ୍ତ, ଚନ୍ଦ୍ରଧ୍ୱଜ ଓ ସଚ୍ଚିଦାନନ୍ଦ— ଡଃ ନିଖିଳାନନ୍ଦଙ୍କୁ ହାତଠାରି ପାଖକୁ ଡାକିଲେ ଓ କହିଲେ : ଡଃ ମୁଣ୍ଡ ! ଏଇ ଦେଖିପାରୁଛନ୍ତି ତ ସେଇ ତୈଳଚିତ୍ର ପଛପଟେ କିଏ ?

ଡଃ ନିଖିଳାନନ୍ଦ ମଧ୍ୟ ସ୍ଥା'ମଧ୍ୟରେ ତୈଳଚିତ୍ରଟିକୁ ଗମ୍ଭୀର ଧ୍ୟାନର ସହ ଦର୍ଶନ କରୁଥିଲେ ଅତଏବ୍ ତାଙ୍କ ବିଭ୍ରାନ୍ତ ଓ ବିକାର-ଗ୍ରସ୍ତ ମନର ବିସ୍ଫୋରଣ ଓଠଦେଇ ବାହାରି ପଡ଼ିଲା : ଆରେ,

Digitized by srujanika@gmail.com

ସେଇ ଷ୍ଟୁପିଡ୍‌ଟା ତ... ତାକୁ ଆମେ ଆଜ ସକାଳେ ଖତମ୍ କରିଥିଲେ··· ଅଥଚ ସେ ପୁଣି ଏଠି ?

ସଂଘସଖା ଚିତ୍କାର କଲେ : ହେଇ ଶଃ...... ଶଃ······ ମ୍... ଯ୍··· ମ୍...

ସତେ ଯେପରି ସେମାନଂକ ମନର ଖାଂଡବ ବନରେ ନିଆଁ ଦୋଳି ଖେଳୁଥିଲା ତେଣୁ ସେମାନେ ନିଜ ନିଜ ବସିଥିବା ଜାଗାରୁ ଉଠି-ପଡ଼ି ଟେଲିଭିଜନ ନିକଟକୁ ଦୌଡ଼ିଗଲେ ଓ ଟେଲିଭିଜନ ପଶ୍ଚାତ୍‌ରେ ଆତ୍ମଗୋପନ କରି ସେମାନଂକ ଉଦ୍ଦେଶ୍ୟରେ ବନ୍ଧୁପରି ହସ ଫୋପାଡ଼ୁଥିବା ଦେବଦୂତବାନ୍‌ଟିକୁ ଭଡ଼ିଧରି ଚିତ୍କାର କଲେ : ଶଳା, ପୁଣି ବଂଚିଗଲୁ । ଆମ ମୁଖା ଟାଣି ଦେବାକୁ ପୁଣି ଏଠିକି ଚାଲି ଆସିଛୁ ନା ?

ସେ ଚିତ୍କାର କଲା ମାରନା, ମାରନା ମୋତେ···ମୁଁ ସୂର୍ଯ୍ୟକାଂତ ନୁହେଁ... ଭିକମଗାଟିଏ... ତମମାନଂକ ପରି ଦୟାଳୁ ଲୋକଂକ ମିଟିଂରି ସରିଲେ ପଇସେ ଅଧଲେ ମାଗିବି ବୋଲି ମୁଁ ଏଠି ଠିଆ ହୋଇଥିଲି···

ସେମାନଂକ ନିଦ୍ରାଭଂଗ ସିନା ହେଲା କିଂତୁ କମ୍ରେଡ କଂଡ଼ୁନାଥମ୍ ଦୁଃସ୍ୱପ୍ନ ଦେଖୁଥିଲା ।·ଡଃ ନିଳୋନଂଦ କହିଲେ : ଧ୍ୟାତ୍ ଆମେ କେଡେ ମୂର୍ଖମ···। କଂଡ଼ୁନାଥମ୍ କହିଲା : ହଁ, ଆମେ ମୂର୍ଖ ହୋଇପାରୁ କିଂତୁ ଇଏ ଭିକମଗା ନୁହେଁରେ ମୂର୍ଖଗୋଳ !

ଚଂଦ୍ରଧ୍ୱଜ ପଚାରିଲା : ତେବେ ଇଏ ? କଂଡ଼ୁନାଥମ୍ ଚିତ୍କାର କଲା : ତୋ ଭିତରେଇ... ଶଳା, ସ୍ପେସାଲବ୍ରାଂଚ୍ କିଂବା ଇଂଟେଲିଜେନସ୍ ବାଲା ଟା ବେ...

ସେମାନେ ପ୍ରାଣ ବିକଳରେ ସ୍ୱଗତୋକ୍ତି କଲେ : ପୁଲିସ୍ ?

କଂଡ଼ୁନାଥମ୍ କହିଲା : ହଁ, ପୁଲିସ୍...ପୁଲିସ୍...

ସମସ୍ତେ ଏକା କଂଠରେ ଗର୍ଜନକଲେ : ପୁଲିସ୍···ପୁଲିସ୍...

ସୂର୍ଯ୍ୟକାଂତ ମୃତ୍ୟୁ ସଭାର ଅଧକ୍ଷ ତଥା ବଂଶାଧିକ ନାଟକ ଓ ଉପନ୍ୟାସର ପ୍ରଣେତା ମିହିରଦମନମିଶ୍ର ମାଇକ୍ ଛାଡ଼ି ପ୍ରାଣବିକଳରେ ପାଟି...

ପୁଲିସ୍...ପୁଲିସ୍ ଚିତ୍କାର··· କଂଠସ୍ୱର ମଧ୍ୟରେ ସମସ୍ତ ସମବେତ ଜନତା ଛତ୍ରଭଂଗ ହୋଇଲେ··· ଦୌଡ଼ିଲେ ଯିଏ ଯୁଆଡ଼େ ବାଟପାଇଲେ !!

ଏବଂ କେବଳ ସେଇ ଟେଲିଭିଜନଟି ହସୁଥିଲା— ଅପୂର୍ବ ପ୍ରଶାଂତ... ଧାତ୍ରି ଓ ପ୍ରାନ୍ତରର ନୀରବ ମୂର୍ଚ୍ଛନା ତୋଳି !

Digitized by srujanika@gmail.com

ପତ୍ର-ପ୍ରତିକ୍ରିୟା-ପତ୍ରାଂଶ

ପ୍ରାଧ୍ୟାପକ ହରିହର ଦାସ
ଡକ୍ଟର କୃଷ୍ଣଚନ୍ଦ୍ର ଜେନା
ବସଂନ୍ତ କୁମାର ସାମଲ
ଡକ୍ଟର କୃଷ୍ଣଚରଣ ବେହେରା
ଡକ୍ଟର କାହ୍ନୁଚରଣ ମିଶ୍ର

Digitized by srujanika@gmail.com

ପ୍ରାଧ୍ୟାପକ ହରିହର ଦାସ
ରାଜନୀତି ବିଜ୍ଞାନ ବିଭାଗ :
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମହୀବାନ୍ ଆର୍ଯ୍ୟପୁତ୍ର ଆଚାର୍ଯ୍ୟ ସୂର୍ଯ୍ୟକାନ୍ତ । ସେ "ଶେଷବଂଶର ଯୀଶୁ"ର ନାୟକ କିନ୍ତୁ ଯୀଶୁ ନୁହେଁ — କୌଣସି ତହଲକା ସୃଷ୍ଟି କରୁଥିବା ଜାଦୁକର ମଧ୍ୟ ନୁହେଁ । ସେ ସାଧାରଣ ମଣିଷଟିଏ ପରି ବାଲ୍ୟ, କୈଶୋର ଅତିକ୍ରମ କରି ତାରୁଣ୍ୟରେ ପାଦ ଦେଇଛି । ବୀର୍ଯ୍ୟବନ୍ତ ତରୁଣ ଆର୍ଯ୍ୟ ସୂର୍ଯ୍ୟକାନ୍ତ "ଶେଷ ବଂଶର ଯୀଶୁ"ର ନାୟକ ବୋଲି କହିବା ବେଳେ ଏହି ଶବ୍ଦଟି ମୁଁ ଗତାନୁଗତିକ ଅର୍ଥରେ ବ୍ୟବହାର କରୁନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ ତଥ୍ୟ ପରିବେଷଣ ଉଦ୍ଦେଶ୍ୟରେ ଲେଖକ ପ୍ରୟୋଗର ଯଥାର୍ଥତା ଗୃହୀତ । ଅକାଟ୍ୟ ଯୁକ୍ତି ଅପେକ୍ଷା ଲେଖକ ମାଧ୍ୟମରେ ଶକ୍ତିଶାଳୀ ମତବାଦ ଓ ସାମାଜିକ ସାଂଚାଯୁରକୁ ଲୋକ-ମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ସହଜ ନହେଲେ ସୁଦ୍ଧା ଅଧିକ ଫଳପ୍ରଦ । ମୋ ଦୃଷ୍ଟିରେ ଆଚାର୍ଯ୍ୟ ସୂର୍ଯ୍ୟକାନ୍ତ ଏକ ଚରିତ୍ର-ନାୟକ ନୁହେଁ ଏକ ଲେଖକ ସତ୍ତା ମାତ୍ର

କୌଣସି ସାଧାରଣ ଚରିତ୍ରଭାବେ ସୂର୍ଯ୍ୟକାନ୍ତ ଚିତ୍ରିତ ହୋଇନାହାନ୍ତି । ଲେଖକ କୌଣସି ମଞ୍ଚର ଯାଦୁକର ଭଳି ହୋଇ ବା କୋଳାବୃତ ହୋଇ ଆକାଶର ଚାନ୍ଦକୁ ସାତ ଉଡ଼ି ବୁଲୁଥିବା ଖ୍ରିକ୍ ରଂଗରେ କୋଣ ବିନ୍ଦୁ ଉଡ଼ିଗଲା ଏକ ଅବାସ୍ତବ କଳ୍ପନା । ସହରର କୌତୂହଳୀ ନିଜ ନିଜ ସୌର୍ଯ୍ୟର ଆଦର୍ଶ ମତବାଦକୁ ଅନ୍ୟମାନଙ୍କ ଦେହରେ ଜବରଦସ୍ତ ଲଦି ଦେଇ ସମାଜ ବଦଳାଇବାର ସ୍ୱପ୍ନ ଦେଖି ଯେତିକିମାନେ ମସ୍ତିଷ୍କକୁ ଆକ୍ରମଣ କରିଥିଲେ ନିଜ ଜାତି— ମଣିଷ ଜାତିର ଦୁର୍ଦ୍ଦଶାର ଏ ନାଟକୀୟ ଦୃଶ୍ୟ ସୂର୍ଯ୍ୟକାନ୍ତଙ୍କୁ ହସ୍ତକ୍ଷେପ ପାଇଁ ବାଧ୍ୟକଲା । କିନ୍ତୁ କୌଣସି ପାରଂପରିକ ଉପନ୍ୟାସର ଚରିତ୍ର ଠାରୁ ସୂର୍ଯ୍ୟକାନ୍ତ ବ୍ୟତିକ୍ରମ : "ଯେତେବେଳେ ମୋର ଯାହା ଦୟନୀୟ ଅବସ୍ଥା ମୁଁ କାନ୍ଦିବା ଉଚିତ ଥିଲି, ଆତ୍ମରକ୍ଷା ପାଇଁ ସେମାନଙ୍କ ନିକଟରେ ଆତ୍ମ ସମର୍ପଣ କରି କ୍ଷମା ମାଗିବା କଥା ମାତ୍ର ଶତ୍ରୁଙ୍କ ମୁହଁ ଟାଣ ପରି ମୁଁ କାନ୍ଦିବା ପରିବର୍ତ୍ତେ ସେମାନଙ୍କ ନିକଟରେ ହସର ତରଙ୍ଗ ସୃଷ୍ଟି କରିଥିଲି ।"

"ଶେଷବଂଶର ଯୀଶୁ" ନଭେଲ ବା ବୃହତ୍ ଗଳ୍ପ ସେ ବିବାଦ ଆଲୋଚନା ବହିର୍ଭୂତ । ଗୋଟିଏ ସାମାଜିକ ସାଚାୟୁର

Digitized by srujanika@gmail.com

ଭାବେ ସାମାଜିକ ସମସ୍ୟା ଓ ଚରିତ୍ରମାନଙ୍କର ଘାତ ପ୍ରତିଘାତ ମାଧ୍ୟମରେ କଥାବସ୍ତୁର ବିଶ୍ଳେଷଣ ଓ ସମସ୍ୟାଗୁଡ଼ିକର ବିଚାର ନକରି ଗାଳ୍ପିକ ଚରିତ୍ର ଓ ସମସ୍ୟାମାନଙ୍କୁ ଏକ ରୋମାଣ୍ଟିକ୍ ମୂଲ୍ୟ ଗଳଂକୁ ଟାଣି ନେଇ ଏକ କୃତ୍ରିମ ଚେଷ୍ଟା ମାଧ୍ୟମରେ ସତ୍ୟ ଉଦ୍‌ଘାଟନ କରିଛନ୍ତି । ଚରିତ୍ରମାନଙ୍କର ଦୁଷ୍ଟାମି ଓ ସତ୍ୟାଶ୍ରୟୀ ବ୍ୟକ୍ତିଙ୍କର ପ୍ରଭାବ ଦ୍ୱାରା ପ୍ରଭାବିତ । ସେହି ପ୍ରଭାବରେ ନାୟକ ସୂର୍ଯ୍ୟକାନ୍ତ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣିଥିବା ବିପ୍ଳବୀ କଂଗ୍ରେସ ନାଥମ୍, ମାଳମ୍ମାକାର୍ଡ ବାଲା ସଚ୍ଚିଦାନଂଦ, ଚଂଦାମୁଣ୍ଡିଆ ସୁରେନ୍ଦ୍ରକାଂତ, ବିଂଶାଧିକ ନାଟକ ଓ ଉପନ୍ୟାସ ଲେଖକ ମିହିରମନ, ଟୋକା ଓକିଲ ଚଂଦ୍ରଧ୍ୱଜ ଓ ଦାନ୍ତସ ମର୍ଦ୍ଦନ ଅଖିଳାନଂଦ ମୁଂଡ ପ୍ରତ୍ୟେକଂକ ଦୁର୍ବଳତା ଓ ଦୁର୍ଦ୍ଦଶା ସ୍ୱୀକାର କରି (ନେଷବଂଶର ଯୀଶୁ, ପୃ ୪୪-୪୬) ଅନୁତପ୍ତ ଓ ଦେଶଂକ ଠାରୁ କ୍ଷମା ପ୍ରାର୍ଥୀ: "ସେମାନେ ସେଇ ଅନଂଦ୍ୟ ସ୍ୱତନ୍ତ୍ର ନାରୀ ଉଦ୍ଦେଶ୍ୟରେ ପ୍ରାର୍ଥନା ପତ୍ରକ କଲେ : ହେ ଦେବୀ । ଆମମାନଂକ ଅଜ୍ଞାଗ୍ରହମୂଳକ କାର୍ଯ୍ୟକଳାପ ପାଇଁ ଆମ୍ଭେମାନେ ଅନୁତପ୍ତ । ମୂଳତର୍କ ମିନା ସରିଗଲା ଆମେ ବର୍ତ୍ତମାନ ଦଇଟ୍ରୀ ମହାତ୍ମାଂକ ନିକଟରୁ ପରାମର୍ଶ ପ୍ରତୀକ୍ଷାରେ ଅଛୁ ।"

ସୂର୍ଯ୍ୟକାନ୍ତ ସେ ପରମ ପୁରୁଷ ବା ମହାପୁରୁଷ ନୁହେଁ ବୋଲି ସ୍ୱୀକାର କରିବା ସତ୍ତ୍ୱ ଜାଦୁ ଚେଷ୍ଟା ଓ କଳ୍ପନା ଟୋଣ ତାକୁ ସାଧାରଣ ମଣିଷ ନକରି ଏକ ସୁଂଗ୍ ସେମରାମିଏନ୍‌ରେ ପରିଣତ କରିଛି । ସେହି କାରଣରୁ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କେବଳ ସମ୍ଭବ ହୋଇଛି---ସମାଧାନ ନୁହେ : "ସମାଜର ଯେଉଁ ଅଂଗ ସବୁ ବିଚାର ବ୍ୟାଧିରେ କ୍ଷୟମୁଖୀ ହେଲେ କ୍ଷତ ସ୍ଥାନମାନଂକୁ ମୋ ସମାଜର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ମୋର କର୍ତ୍ତବ୍ୟ ମାତ୍ର....କିଂନ୍ତୁ ମୁଁ ସମାଜ ବ୍ୟବସ୍ଥା ସମ୍ଭାର ବିଚାରକ କିଂବା ଡାକ୍ତର ନୁହେଁ ଯେ କ୍ଷତ ସ୍ଥାନମାନଂକୁ ଅପରେସନ୍ କରି ସୁସ୍ଥ କରିଦେବା ଦାୟିତ୍ୱ ମୁଁ ନେବି ।"

ଗାଳ୍ପିକ ସମାଜର ଯେଉଁ କେତୋଟି ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଂକୁ ତାଂକର ଚରିତ୍ରଭାବେ ନେଇଛନ୍ତି ସେମାନେ ବିଭିନ୍ନ ଗୋଷ୍ଠୀ ଓ ବୃତ୍ତି ବା ପେଶାର ପ୍ରତିନିଧିତ୍ୱ କରୁଥିବା ଚରିତ୍ରହୀନ ଖଳନାୟକ । ଏମାନେ ସମାଜରେ

Digitized by srujanika@gmail.com

ଉଚ୍ଚସ୍ଥାନର ଅଧିକାଂଶ ଓ ମର୍ଯ୍ୟାଦାବାନ ହେଲେ ମୁଦ୍ଧା ଅନ୍ତରାଳରେ ନାନା ନାରକୀୟ ଘଟଣା ସହିତ ଜଡ଼ିତ । ସମାଜରେ ଏଭଳି ଚରିତ୍ରମାନଂକ ସଂଖ୍ୟାଧିକ୍ୟତା ସତ୍ତ୍ୱେ ଉତ୍ତମ ସଚ୍ଚରିତ୍ର ବ୍ୟକ୍ତିମାନଂକର ଦୃଷ୍ଟାଂତ ମଧ୍ୟ ରହିଛି ଯାହାର ଉପସ୍ଥାପନା ସମାଜ ଚିତ୍ରକୁ ଅଧିକ ବାସ୍ତବ ଧର୍ମୀ ଓ ଯୁକ୍ତିକୁ ତଥ୍ୟାନୁମୋଦିତ କରିପାରିଥାନ୍ତା । ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ: "ମୁଖା ହିଁ ଏ ଦେଶର ସମସ୍ତ ଐତିହ୍ୟ ସଂସ୍କୃତି ଓ ପ୍ରତିଭାକୁ ଧ୍ୱଂସ କରି ଦେଇଛି ।"

କୁହୁକ ରାଜ୍ୟ ଜହ୍ନ ପୃଷ୍ଠରେ ଦେବାଂକ ପ୍ରଭାବରେ ଯାହା ସମ୍ଭବ ବାସ୍ତବ କ୍ଷେତ୍ରରେ ତାହା ଅସମ୍ଭବ—ମୁଖା ଉନ୍ମୋଚନ ପାଇଁ ପ୍ରାଣବଳି ଦେବାକୁ ପଡେ । ଏହି ସଚେତନ-ଶୀଳତା ପୁଣି ସୂର୍ଯ୍ୟକାଂତକୁ ଟାଣିଆଣିଛି ଜହ୍ନପୃଷ୍ଠ ଓ କୁହୁକ ଚକ୍ଷମାଠାରୁ ସମସ୍ୟାର ଦାବାନଳରେ ଦଗ୍ଧ ସହରର ଚୌହଦ୍ଦିକୁ ଯେଉଁଠି ବିଶ୍ୱାସ ଅବିଶ୍ୱାସରେ, ସ୍ନେହ ପ୍ରତାରଣାରେ ଏବଂ ପ୍ରତ୍ୟୟ ଆତ୍ମ ପ୍ରବଂଚନାରେ ରୂପାନ୍ତରିତ ହୁଏ । ସେଇ ପରିପ୍ରେକ୍ଷୀରେ ସତ୍ୟଦ୍ରଷ୍ଟା ଯୀଶୁଂକର ମଧ୍ୟ ରକ୍ଷା ନାହିଁ (ପୃଷ୍ଠା ୫୦, ପାରା ୪) ସମାଜ-ସୁଧାରକ ଭୂମିକାରେ ଅବତୀର୍ଣ୍ଣ ଲେଖକ ବା କ ସ୍ଥିର ! ଜନତାର ରଥ ଚକ୍ରରେ ମାଡ଼ି ହୋଇଯିବା ଆଶ୍ଚର୍ଯ୍ୟ ନୁହେଁ । ବ୍ୟକ୍ତି ହିସାବରେ ସେ ମରିଯାଇପାରେ କିଂତୁ ଗୋଟିଏ ପ୍ରତୀକ ରୂପେ ତାର ମୃତ୍ୟୁପରେ ମଧ୍ୟ ସେ ସାମାଜିକ ଦୁରାଚାର ଗ୍ରସ୍ତ ତଥାକଥିତ ଭଦ୍ର ଓ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମନରେ କୋକୁଆ ଭୟ ସୃଷ୍ଟି କରେ । "ସତେ ଯେପରି ସେମାନଙ୍କ ମନର ଖାଣ୍ଡବ ବନରେ ନିଆଁ ଦୋଳ ଖେଳୁଥିଲା ତେଣୁ ସେମାନେ ନିଜ ନିଜ ବସିଥିବା ଯାଗାରୁ ଉଠିପଡ଼ି ଟେଲିଫୋନ ନିକଟକୁ ଦୌଡ଼ିଗଲେ ଓ ଟେଲିଫୋନ ପଶ୍ଚାତରେ ଆତ୍ମ-ଗୋପନ କରି ସେମାନଂକ ଉଦ୍ଦେଶ୍ୟରେ ବିଦ୍ରୂପର ହସ ଫୋପାଡୁଥିବା ଟେଲିହେରାବାନ୍ଟିକୁ ଭିଡ଼ିଧରି ଚିତ୍କାର କଲେ : ଶଳା ପୁଣି ବଂଚିଗଲୁ । ଆମ ମୁଖା ଟାଣି ଦେବାକୁ ପୁଣି ଏଠିକି ଚାଲି ଆସିଛୁ ନା

Digitized by srujanika@gmail.com

ପ୍ରଧ୍ୟାପକ ଡଃ କୃଷ୍ଣଚନ୍ଦ୍ର ଯେନା

ଇତିହାସ ବିଭାଗ :

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

"ଶେଷ ବଂଶର ଯୀଶୁ" ଆମ ଯୁଗ ଓ ଜୀବନଯନ୍ତ୍ରଣାର ଏକ ଅନନ୍ୟ ସାଧାରଣ ପରିପ୍ରକାଶ । ଆମ୍ଭେ ଅନେକ ସମୟରେ ସୁପ୍ତ ଆଗ୍ନେୟଗିରିର ଲାଭା ପରି ଚିତ୍କାର କରେ—କିନ୍ତୁ ଆତ୍ମପ୍ରକାଶ ପରବର୍ତ୍ତୀର ସମ୍ଭବ ନୁହେଁ । ମୁଁ, ସେ ଓ ଆପଣ ମଧ୍ୟ ଏହି ଚିତ୍କାର କରିବାକୁ ମନସ୍ଥ କରିଛେ—କିନ୍ତୁ ଏହି ଚିତ୍କାର ଶବ୍ଦହୀନ । କାରଣ ଅନେକ ସମୟରେ ଚିତ୍କାରକୁ ରୂପ ଓ ବର୍ଣ୍ଣ ଦେଇ ହୁଏ ନାହିଁ । ସ୍ୱପ୍ନରେ ଆମେ ଯେମିତି କାନ୍ଦିଲେ କେହି ଶୁଣି ପାରନ୍ତି ନାହିଁ--ତାହା ଅବଚେତନରହିଁ ଆର୍ତ୍ତନାଦ ହୁଏ, ସେପରି ଏ ଯନ୍ତ୍ରଣାର ପ୍ରତିକ୍ରିୟା ଆମ ଭିତରେ ହିଁ ମରିଯାଏ । ଅନେକ ସମୟରେ ମୁଁ ଭାବେ—କହିବି···କହିବି ବୋଲି; କିନ୍ତୁ କହି ପାରେନି ।

ମହାପାତ୍ର ଭାସ୍କର ଗନ୍ତାୟତଙ୍କ ଆଣ୍ଟି ନୋଭେଲ ଏ ଦିଗରେ ଏକ ବଳିଷ୍ଠ ଓ ଶକ୍ତିଶାଳୀ ପଦକ୍ଷେପ । ଯାହା ଅନେକଙ୍କ ମନରେ ହିଁ ମରି ଯାଉଥିଲା ସେ ରୂପ ଦେବାକୁ ସମର୍ଥ ହୋଇଛନ୍ତି । ଜନ୍ ବୁନିୟାନଙ୍କ ପିଲ୍‌ଗ୍ରିମ୍‌ସ ପ୍ରୋଗ୍ରେସ୍ ପୁସ୍ତକରେ ମଣିଷ ଯେଉଁପରି ଆତ୍ମବିଶ୍ଳେଷଣ କରିଥିଲା ସେପରି ଉଦାହରଣ "ଶେଷବଂଶର ଯୀଶୁ"ରେ କିଂଚିତ୍ ମିଳେ । ଓଡ଼ିଆ କଥା ସାହିତ୍ୟରେ ଏହା ନୂତନ ପ୍ରଚେଷ୍ଟା । ଅନେକ ସମୟରେ ଆତ୍ମ ପରୀକ୍ଷା ଜୀବନ ଓ ଇତିହାସର ପରିପୂରକ । 'ଶେଷବଂଶର ଯୀଶୁ' ଏହି ଆତ୍ମ ପରୀକ୍ଷା ପାଇଁ ଏକ ନୂତନ ଦିଗନ୍ତର ଆବିଷ୍କାର କରିବ ବୋଲି ଆଶା ।

ଏକ ରୁଗ୍ଣଗ୍ରସ୍ତ ସମାଜ, ସେହି ସମାଜର କେତୋଟି ପାଗଳ ମଣିଷ ଏବଂ ସେ ପରିଧିରେ ନାୟକ ସୂର୍ଯ୍ୟକାନ୍ତ (ଅବଶ୍ୟ ଆଉ ଜଣେ ଅନ୍ତମାନସୀ ସ୍ୱାମୀଙ୍କ ସହ) ନୂତନ ଜୀବନର ସ୍ୱପ୍ନ ନଦେଖିଲେ ମଧ୍ୟ ଶ୍ରେଷ୍ଠିତର ଅପରୂପ ବର୍ଣ୍ଣନା କରିଛନ୍ତି । ଏହା ବିପ୍ଳବ, ପ୍ରତିବାଦ, ଅଭିମାନ, ବୁଭୁକ୍ଷା, ଆତଙ୍କ, ଅନୁଶୋଚନା ଏବଂ ଅନ୍ତମାନସିକ ଆଦର୍ଶର ପ୍ରଭାବରେ ବସ୍ତୁତ । ସୂର୍ଯ୍ୟକାନ୍ତ ମରିଯାଇଥିଲେ ମଧ୍ୟ ସେ ସମ୍ଭାବ୍ୟ ବିଜୟର ଆଶାରେ—ଏହାହିଁ ସେ କୌଣସି ସଂସ୍କୃତି ଓ ସଂସ୍କାରର ପ୍ରାଣ ପ୍ରଦୀପ । ସେପକୁ ଅଗ୍ନି ସଂଯୋଗ କଲାବେଳେ ଦିଆସିଲି ଯେପରି ନିଜେ

Digitized by srujanika@gmail.com

ଧ୍ୱଂସ ହୁଏ ସେହିପରି ଏକ ଅନ୍ଧକାର ସମାଜରେ ଆଲୋକ ଦେବାପାଇଁ ସୂର୍ଯ୍ୟକାନ୍ତ ମୃତ୍ୟୁବରଣ କରିବ, ଏହା ଅତ୍ୟନ୍ତ ସ୍ୱାଭାବିକ ।

ମହାପାତ୍ର ଭାସ୍କର ଗନ୍ଥ୍ୟାଏତ୍ ଯେଉଁ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି—ଏହା ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଆଗାମୀ ସୂର୍ଯ୍ୟୋଦୟର ପରିଚୟ ମାତ୍ର । ମୁଁ ଭଗବାନରେ ବିଶ୍ୱାସ କରେ ନାହିଁ । ନହେଲେ କହିଥାନ୍ତି—ଭଗବାନ ତାଙ୍କୁ ଏ ଦିଗରେ ଆହୁରି ଅଧିକ ପ୍ରେରଣା ଦିଅନ୍ତୁ ।

* *

ଔପନ୍ୟାସିକ ବସନ୍ତକୁମାର ସାମଲ
କଂପଗଡ଼ : ଅମଠପୁର : କଟକ

ପ୍ରିୟ ଭାସ୍କର,

ଏକା ନିଶ୍ୱାସରେ ତମର "ଶେଷବଂଶର ଯୀଶୁ" ପଢ଼ିଗଲି । ମୁଁ ଏହାକୁ ଏକ ଆଣ୍ଟି ନଭେଲ୍ କହିବାକୁ ମନେ କରୁଥିଲି—ପୁଣି ମନକୁ ଆସିଲା ଏଇଟି ବଡ଼ ଗପ ମଧ୍ୟ ହୋଇପାରେ । ତେବେ ବଡ଼ ଗପ ଓ ଆଣ୍ଟି-ନଭେଲ୍ ମଧ୍ୟରେ ଥିମ୍ ନେଇ ତଫାତ୍ ଆସେ ।

ଓଡ଼ିଆ ଉପନ୍ୟାସ ଠିକ୍ ଓଡ଼ିଆ ଜାତି ପରି ବିଚିତ୍ର ବ୍ୟାଧିଗ୍ରସ୍ତ । ସେ କଥାତ ଗୋଟିଏ ପୁରାଣ । ତମେ ଜାଣ, ଓଡ଼ିଆ ଉପନ୍ୟାସର ଅବସ୍ଥା ବିଗତ ଦଶକରେ କି ଶୋଚନୀୟ । ସେଇ ଯୌନବ୍ୟାଧିର ଜୀବନକୁ ନେଇ ଉପନ୍ୟାସ ସଂଖ୍ୟା କେବଳ ବୃଦ୍ଧି ପାଇଛି ଭଲ ଖଂଡେ ଉପନ୍ୟାସ ପଢ଼ିବାକୁ ମିଳୁନି—ସେଇ ଚର୍ବିତ ଚର୍ବଣ ।

ଆଖି ଦୃଷ୍ଟି ଆନ୍ତନିଭ୍ କୁ ନେଇ ଯେଉଁ ଦୁଇ ତିନୋଟି ଉପନ୍ୟାସ ବାହାରିଛି, ତାହାକୁ ଏଯାବତ୍ ମୁଁ ବୁଝିନାହିଁ । ସଂଭବତଃ ଶହେ ବର୍ଷ ପରେ ବୁଝିବାର ଭରସା ରଖିଛି । ମାତ୍ର ତମର ଏଇ ପ୍ରତି-ଉପନ୍ୟାସଟି ପାଠ କଲା ପରେ ମତେ ବେଶ୍ ଭଲ ଲାଗିଲା ।

ସାଂପ୍ରତିକ ସମାଜ ଏପରି ସମସ୍ୟାମୁଖୀର ଯେ ତା ଭିତରେ ବ୍ୟକ୍ତି ସମ୍ବନ୍ଧୀ ସଂଘର୍ଷ ଓ ସଂଗ୍ରାମର ଆତଙ୍କ-

Digitized by srujanika@gmail.com

ଗ୍ରନ୍ଥ ଖଣ୍ଡ୍‌ଗର ଝୁଲଂକା ଉପଦକୁ ଅତିକ୍ରମ କରି ଆଗେଇଚି । ଏଇ ଜଟିଳ ଜୀବନ ଜିଜ୍ଞାସାର ଏତେ ନିଖୁଣ ଚିତ୍ର ମୁଁ କୌଣସି ଉପନ୍ୟାସରେ ପଢ଼ିନାହିଁ—ଯାହା 'ଶେଷ ବଂଶର ଯୀଶୁ'ରୁ ମୁଁ ପାଇଲି । ନୂତନତ୍ୱ ଅଛି ବୋଲି ତ 'ଶେଷ ବଂଶର ଯୀଶୁ' ମୋର ଅଂତରକୁ ସ୍ପର୍ଶ କଲା ।

ଉପନ୍ୟାସଟିର ଯାହା କିଛି ବିଶେଷତ୍ୱ ରହିଛି....ତା ହେଉଛି ଅନୁଭୂତ ଅନୁଭୂତିର ଗଭୀରତା ବେଶ୍ ମାର୍ମିକ ହୋଇଛି....ମନକୁ ସ୍ପର୍ଶ କରିଚି । ଶୈଳୀ ସହିତ ମୁଁ ଆଗରୁ ପରିଚିତ ଥିଲି—ତେବେ ଶୈଳୀ ହିଁ ଲେଖକର ସ୍ୱାତଂତ୍ର୍ୟ ନିର୍ଦ୍ଦେଶ କରିଥାଏ । ମନୋଜ ଦାସଙ୍କ ଶୈଳୀ ମନେ ପଡ଼ି ଯାଉଚି ଏ ଉପନ୍ୟାସ ପାଠ କଲେ ।

ଯାହାହେଉ ସବୁକିଛି ଭୟଂକରତା, ସଂକଟ, ବିପର୍ଯ୍ୟୟ, ଈର୍ଷା....ଘୃଣା ବିଶ୍ୱାସଘାତକତା ସବୁର ମାନବିକରଣ କରିପାରିଚି....ସେଇଟା ହେଉଚି ବଡ଼କଥା । ଅବଚେତନ ଜଗତର କଥା ଚେତନକ ପାରିଚି (ତମ ବୟସ ଓ ଅନୁଭୂତି ଦୃଷ୍ଟିରୁ) ସେତକ ଫୁଟାଇ ପାରିଚି.... ଏଇ ମର୍ଗ୍ ଚୈତନଙ୍କୁ ରୂପ ଦେବାକୁ ଯାଇ ତୁମେ ନୂତନ ହୋଇ ଉଠିଚ ।

ଆମେ ଆଜି କାଲି ନିଃସଂଗତା ଯୁଗଯନ୍ତ୍ରଣା ଚିଂତନ ମନନ ଇତ୍ୟାଦି ବହୁଧା ବର୍ଣ୍ଣିଳ ସତ୍ତ୍ୱ କଥା କହୁଥିଲେ ମଧ୍ୟ ଠିକ୍ ଭାବରେ ରୂପ ଦେଇ ପାରୁନା । ଏଇ ଦଶ ବର୍ଷର ନାଟକ ନାଟକ ବାଦ୍ ଦେଲେ ବୋଧହୁଏ ଅନ୍ୟ କେଉଁ ବିଭାଗ ଏମିତି ମିଛିର ସ୍ୱାକ୍ଷର ବହନ କରିନାହିଁ ।

'ଶେଷ ବଂଶର ଯୀଶୁ' ପାଇଁ ଅନେକଟା ଆତ୍ମତୃପ୍ତି ଲାଭ କରିବାର କଥା । ବହୁ ଧର୍ମ, ବହୁ ଭାଷା, ବହୁ ତତ୍ତ୍ୱ, ବହୁ ମତବାଦ....ସବୁରି ଭିତରେ ସର୍ବ୍ୟକାଂତ ଆଗ୍ରହୀ ଶ୍ୱାସ ରୁଦ୍ଧ । ଅନେସଙ୍କଳ ଦାଜ୍ଞ୍ୟା ଦାତ ଗ୍ରନ୍ଥରେ ସେ ଯେମିତି ଚିତ୍କାର କରୁଚି ଅସହାୟ ଭାବରେ....ସୁରଭିକାଂତ ମହାପାତ୍ର, କମ୍ରେଡ୍ କଂଡ୍‌ନାଥମ୍, ଡଃ ନଖିଳାନନ୍ଦ ମୁଂଡ, ଏଡ୍‌ଭୋକେଟ୍ ଚଂଦ୍ରଧ୍ୱଜ ମହାନ୍ତି, ସଚ୍ଚିଦାନଂଦ ଦାସ ସମସ୍ତେ ପାଗଳ, ବିକୃତ....ମିଥ୍ୟାର ସ୍ରଷ୍ଟା ତଥାପି

Digitized by srujanika@gmail.com

ଜୀବନ ପରି ସତ୍ୟ ଏ ବାସ୍ତବ ପୃଥିବୀ—ଉପନ୍ୟାସର ସମସ୍ତ ଚରିତ୍ର ସମ୍ପୂର୍ଣ୍ଣ ବାସ୍ତବ : କେବେହେଁ ହେଲେ Absurd ହୋଇ ପାରେନା ।

ପ୍ରତ୍ୟେକ ମଧ୍ୟବିତ୍ତଶ୍ରେଣୀୟ ଚରିତ୍ରକୁ କ୍ୟାମେରାର ଲାଲ୍ ହଳଦୀ ରଂଗରେ ତୋଳି ଧରିବାର କୌଶଳଟି ସ୍ପଷ୍ଟ ଦୃଷ୍ଟିରେ ଧରା ପଡ଼ିଯାଏ । ବେଶ୍ ମାଇକ୍ରୋସ୍କୋପିକ୍ ଦୃଷ୍ଟି ଓ ତମର କଲମ ପ୍ରକୃତ ଶାଣିତ ଛୁରିର କାମ କରିଛି । ପ୍ରତ୍ୟେକ ଚରିତ୍ରକୁ ତୁମେ ଅଧ୍ୟୟନ କରିଛ ଭଲ ଦୃଷ୍ଟିରେ ଆଉ ସେମାନଙ୍କୁ ଯୋଗ୍ୟ ମଞ୍ଚ ଦେଇଛ ମୁଖା ଖୋଲି ଭାଙ୍ଗି ଭିତରେ ସେମାନେ ଜଣା ପଡ଼ନ୍ତି ସେମାନେ ନିଜେ ଅସହାୟ....ନିଃସଂଗ । ସମାନ କ୍ଷମତା ଆଉ ପ୍ରତିଷ୍ଠାହୀନ ନେତା, ଡାକ୍ତର ଆଉ ପ୍ରଫେସର ସମସ୍ତେ ଆଜି ଅହଂକାରଗ୍ରସ୍ତ । ଗୋଟିଏ ଗୋଟିଏ ହିପୋକ୍ରିଟ୍ ।

"ଏ ପୃଥିବୀ ପ୍ରତାରଣା ଓ ପ୍ରବଂଚନାର...ପ୍ରୀତି, ମୈତ୍ରୀ, ସ୍ନେହ ଓ ଆସ୍ଥା ଏଠି ଏକ ଦୁଃସ୍ୱପ୍ନ ଏବଂ ଉକ୍‌ସନାର ଗୋଟିଏ ଗୋଟିଏ ଖେଦ ମାତ୍ର ।

ନେତ୍ୱୋହ୍ରେବେ ତରୁଣ ହେଲେ ମଧ୍ୟ ତମର ଭବିଷ୍ୟତ ଉଜ୍ଜ୍ୱଳମୟ....ରଚନାର ପ୍ରକାଶଭଙ୍ଗୀ ଓ ପରିକଳ୍ପନା ଭିତରେ ନୈପୁଣ୍ୟର ସାକ୍ଷର ଫୁଟି ଉଠିଛି । ଜନ୍ମଠାରୁ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସମସ୍ୟା ବାନ୍ଧିଛି ସେଇ ସମସ୍ୟାର ପଥଗୁଣି ଜୀବନେ ତୁମେ ଆଗେଇ ଯାଉଛ— କିଏ ତୁମେ ? ମୁଁ କିଏ ? ଏବଂ ଅନ୍ୟମାନେ 'ଯାହାକନ୍ତି'ର ଅନ୍ୱେଷଣରେ ହଜାର ହଜାର ବର୍ଷ ଧରି ..

ଜୀବନ ଦର୍ଶନ ଉପନ୍ୟାସରେ ଅତି ସ୍ପଷ୍ଟ । ତମପରି ଡାକ୍ତରଙ୍କ ଉଦାରତା, ପ୍ରଫେସରଙ୍କ ମିଥ୍ୟା କାରବାର, ପୁଂଜିପତିର ଦୁର୍ନୀତି, ନେତାଙ୍କ ଲାଂଚ କାରବାର; ପ୍ରକାଶକଙ୍କ ଶୋଷଣ ଲେଖକ ଜୀବନର ଦୟନୀୟତାର ଉଦାହରଣ ଦେବାକୁ ଲୋଡ଼ା ହୁଏ ମାତ୍ର 'ସମସ୍ୟାକାଳେ'ର ଅଭାବ !

ଶେଷ ଉପରେ ନବ ପ୍ରିୟ ଜୀବନ ! ଲେଖକଭାବେ ମୁଁ ତୁମ ସହିତ ଏକମତ—ତୁମେ ଯାହା ଏଇ ପ୍ରଥମ ଉପନ୍ୟାସରେ ଲେଖିଛ ତାଠୁଁ ଅଧିକ ଲେଖିବାକୁ

Digitized by srujanika@gmail.com

ଅନୁରୋଧ । କାରଣ ଏଭଳି ରଚନାରେ ନବଦିଗନ୍ତ ସୃଷ୍ଟି ହେବ । ପାରମ୍ପରିକ ଗୁଳାରୁ ହଟି ଆସିଚ.... ସେଥିପାଇଁ ପ୍ରସଂସାର୍ହ ।

ଏଇ ଷଡ଼ବର୍ଷୀ ଜଟିଳ ପୁଣି ଲେଖମାନ୍ୟ ମଧ୍ୟରେ ଶ୍ରେଷ୍ଠତମ ସୃଷ୍ଟି, 'ମଣିଷ' ଆଜି ମହତ୍ତ୍ୱହୀନ ଜଘନ୍ୟ ... ଏଇଟା ଆ... ମୂର୍ତ୍ତି !

ଉପନ୍ୟାସରେ ପ୍ରତ୍ୟେକ ଚରିତ୍ରକୁ ଜୀବନ୍ତ କରିବାର କୌଶଳ ଆଉ ଶବ୍ଦ ଯୋଜନାର ବିଶେଷତ୍ୱ ତୁମର ସ୍ୱାତନ୍ତ୍ର୍ୟ ରକ୍ଷା କରିଚି ।

ଭାଷାର ସାବଲୀଳତା ରହିଚି ମାତ୍ର ଉପସ୍ଥାପନ ପାଇଁ ଅଲୌକିକ ଚରିତ୍ର ସୃଷ୍ଟି କରିବାକୁ ତମେ କାହିଁକି ବାଧ୍ୟ ହୋଇଚ, ବୁଝିଲି । ଦେଖିଚି କଏ ? ଦେଖିବ କିଏ ? ପ୍ରୟୋଗାତ୍ମକ କଳାରେ ଏଥିପାଇଁ ବେଶ୍ ନିପୁଣତା ଦେଖାଇ ପାରିଚ ।

ଶେଷରେ ଏତିକି କହିରଖେ ଫ୍ରେଡ୍ ମାର୍କସ୍ ଥିଓରୀ ମତେ ଉପନ୍ୟାସ ଲେଖିବାର ଇଚ୍ଛା ପୋଷଣ କରୁଥିବା ଔପନ୍ୟାସିକମାନଙ୍କୁ ବଦଳି ଯାଉଥିବା ଜଗତର ପରିବେଶ ଓ ପରିସ୍ଥିତି ସମ୍ପର୍କରେ ଚେତାଇଦେଇ ହେବା ଗୁରୁ...

"Revolt is an attempt towards clarity". Albert camus ଏକଥା କାହିଁକି କହିଥିଲେ, ବୁଝିବ ।

"ଶେଷ ବଂଶର ଯୀଶୁ" ନାମକରଣ ଯଥାର୍ଥ ହୋଇଚି ହେଲେ ଉପନ୍ୟାସର ସାମାଜିକ ଦୃଷ୍ଟି ଦେଇ କହିଥିଲେ ପାଠକମାନେ ... ବୋଲି କହିବେ—ତଥାପି ତୁମ୍ ଦୃଷ୍ଟିରୁ ନାମକରଣ ମନ୍ଦ ହୋଇନାହିଁ ।

ବନ୍ଧୁବର ଗୋବିନ୍ଦ ଦାସଙ୍କ "ଅମାବାସ୍ୟାର ଚନ୍ଦ୍ର" ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ "ନରକନ୍ଧର" ପଢିବା ପରେ ପ୍ରୟୋଗାତ୍ମକ ସାର୍ଥକ ଉପନ୍ୟାସ ଖଣ୍ଡେ ଉପହାର ପାଇଲି ସେଥିପାଇଁ ମୋର ଆନ୍ତରିକତା ଜଣାଉଚି ।

ତମର ଲେଖନୀ ସମାଜର ବ୍ୟାଧି ନିରାକରଣରେ ଅପ୍ରାପ୍ୟ କୁଶଳତା ହାସଲ କରୁ ଏତିକି କାମନା କରୁଚି । * * * ---

Digitized by srujanika@gmail.com

ଡଃ କୃଷ୍ଣଚରଣ ବେହେରା

ବିଭାଗୀୟ ମୁଖ୍ୟ : ଓଡ଼ିଆ ବିଭାଗ
ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ : ବାରିପଦା

ପ୍ରିୟ ଶ୍ରୀ ଗନ୍ତାଏତ, ପ୍ରଣତ !
ଆପଣଙ୍କ ରଚିତ 'ଶେଷବଂଶର ଯୀଶୁ' ଇତି ମଧ୍ୟରେ ପଢ଼ି ଦେଇଛି । ଗଳ୍ପଟିର ଥିମ୍ ବା ବକ୍ତବ୍ୟ ଅଭିନବ । ହୋଇ ଉପନ୍ୟାସ ନ କହି ଗଳ୍ପ କହିବାର କାରଣ ଏହି କି ଯେ ଏଥିରେ ଉପନ୍ୟାସ-ସୁଲଭ ଗଳ୍ପଗୁମ୍ଫନ କରାଯାଇ ନାହିଁ । ଆପଣ ସାଂପ୍ରତିକ ସମାଜର ବଡ଼ଚଣ୍ଡାମାନଙ୍କର ହିପୋକ୍ରାସି ଚମତ୍କାର ଭାବରେ ମୁଖା ଫିଟାଇ ଦେଇଛନ୍ତି । ଗଳ୍ପର ପ୍ରକାଶଭଙ୍ଗୀ ଓ ଭାଷାବିନ୍ୟାସ ମଧ୍ୟ ମୋତେ ମୁଗ୍ଧ କରିଛି । ଏହାକୁ ପୁସ୍ତକାକାରରେ ଶୀଘ୍ର ପ୍ରକାଶ କରନ୍ତୁ । ତାହା ପୂର୍ବରୁ ଗଳ୍ପଟି ଉପରେ ଆଉଥରେ ଲେଖନୀ ଚଳାଇ କଥାଭାଗକୁ ଆହୁରି ପଲ୍ଲବିତ କରନ୍ତୁ ଏବଂ ଘଟଣାଗୁଡ଼ିକ ଆପାତ ବିଶ୍ୱାସଯୋଗ୍ୟ କରିବା ପାଇଁ ବ୍ୟଞ୍ଜନାତ୍ମକ ବର୍ଣ୍ଣନାର ପୁଟ ଦିଅନ୍ତୁ । ଏହା ହୋଇପାରିଲେ, 'ଶେଷବଂଶର ଯୀଶୁ' ସାଂପ୍ରତିକ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଗୋଟିଏ ଉଲ୍ଲେଖଯୋଗ୍ୟ କୃତିରୂପେ ସମାଦୃତ ହେବ । *

ଡଃ କାହ୍ନୁଚରଣ ମିଶ୍ର

ମୁଖ୍ୟ ଅଧ୍ୟାପକ : ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଶ୍ରୀମାନ୍ ମହାପାତ୍ର ଭାସ୍କର ଗନ୍ତାଏତଙ୍କ ଲିଖିତ "ଶେଷ ବଂଶର ଯୀଶୁ" ଉପନ୍ୟାସ ପାଠ କରି ମୁଁ ପ୍ରୀତି ଲାଭ କଲି । ଏହା ଏକ ନୂତନ ଧରଣର ଉପନ୍ୟାସ ଏବଂ ଉପନ୍ୟାସ ରଚନାର ଯେଉଁ ଗତାନୁଗତିକତା ଏ ପର୍ଯ୍ୟନ୍ତ ଥିଲା ସେଥିରେ ସେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଛନ୍ତି । ଭାଷା ବଳିଷ୍ଠ । ତେବେ ସ୍ଥଳ ବିଶେଷରେ ମାର୍ଜିତ ଭାଷାର ପ୍ରୟୋଗ ଆବଶ୍ୟକ । ବର୍ଣ୍ଣନା ଭଙ୍ଗୀରେ ସରସତା ଅଛି, ଘଟଣା ଗୁମ୍ଫନରେ ନବୀନତା ଅଛି । ଉପନ୍ୟାସ ରାଜ୍ୟରେ ସେ ପ୍ରଥମ ପଥିକ ହେଲେ ମଧ୍ୟ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ତାଙ୍କ ଲେଖନୀରେ ରହିଛି । ମୁଁ ତାଙ୍କୁ ସ୍ୱାଗତ କରୁଛି । ସେ ଏହିପରି ଉପନ୍ୟାସ ଲେଖି ଯାଆନ୍ତୁ--ସାଧନା ପଥରେ ସିଦ୍ଧି ଲାଭ କରିବେ ଏଥିରେ ତିଳେ ସନ୍ଦେହ ନାହିଁ ।

Digitized by srujanika@gmail.com